Bhubaneswar- 30 June 2026
ଭୁବନେଶ୍ୱର- ୩୦ ଜୁନ୍ ୨୦୨୬
Vol- 1 Issue - 64
ଭାଗ- ୧ ସଂଖ୍ୟା- ୬୪
www.pratishabda.com
Email : pratishabda7@gmail.com
Also Available In : YouTube

ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୨୦୧୦୦୭

# ହାତୀ ବେଶରେ ଦର୍ଶନଦେଲେ ଚତୁର୍ଦ୍ଧାମୂର୍ତ୍ତି

- ଦୁର୍ଲଭ ଦର୍ଶନ କଲେ ୪ଲକ୍ଷ ଭକ୍ତ
- ୧୦୮ କଳସୀ ସୁବାସିତ ଜଳରେ ସ୍ନାନ କଲେ ଶ୍ରୀବିଗ୍ରହ
- ଜୟ ଜଗନ୍ନାଥ, ହରିବୋଲ ଓ ହୁଳହୁଳିରେ କମ୍ପିଲା ପରିବେଶ
- ବଡ଼ଦାଣ୍ଡ ପାଲଟିଲା ଲୋକାରଣ୍ୟ
- ସୁରକ୍ଷା ବଳୟରେ ଶ୍ରୀକ୍ଷେତ୍ର
- ଆଜିଠାରୁ ଅଣସରକୁ ଯିବେ ମହାପ୍ରଭୁ
- ପ୍ରଭୁ ଶ୍ରୀଅଲାରନାଥଙ୍କୁ ଦର୍ଶନ କରିବେ ଶ୍ରଦ୍ଧାଳୁ



**ପୁରୀ:** ପବିତ୍ର ସ୍ନାନପୂର୍ଣିମା ଅବସରରେ ଚତୁର୍ଦ୍ଧାମୂର୍ତ୍ତି ରତ୍ନ ସିଂହାସନରୁ ଧାଡି ପହଣ୍ଡିରେ ସ୍ନାନବେଦୀରେ ବିରାଜମାନ କରିଛନ୍ତି । ଆଜି ମହାପ୍ରଭୁଙ୍କ ଜନ୍ମଦିନ। ସ୍ନାନ ବେଦୀରେ ୧୦୮ ଗରା ଅଭିମନ୍ତ୍ରିତ ଅଧିବାସ ଜଳରେ ଚତୁର୍ଦ୍ଧାମୂର୍ତ୍ତି ସ୍ନାନ କରିଛନ୍ତି । ଶ୍ରୀଜଗନ୍ନାଥଙ୍କୁ ୩୫ ଗରା, ଶ୍ରୀବଳଭଦ୍ରଙ୍କୁ ୩୩ ଗରା, ମା ସୁଭଦ୍ରାଙ୍କୁ ୨୨ଗରା ଓ ପ୍ରଭୁ ସୁଦର୍ଶନଙ୍କୁ ୧୮ ଗରାରେ ସ୍ନାନ କରିଥିଲେ। ଅପରାହ୍ନରେ ଶ୍ରୀବିଗ୍ରହ ମାନଙ୍କୁ ଦୁର୍ଲଭ ହାତୀବେଶରେ ସଜ୍ଜିତ କରାଯାଇଥିଲା। ଜୟ ଜଗନ୍ନାଥ, ହରିବୋଲ ଓ ହୁଳହୁଳିରେ ଶ୍ରୀମନ୍ଦିର ବାହାର ଓ ଭିତର ପ୍ରକମ୍ପିତ ହୋଇଥିଲା। ଭିତରଚ୍ଛୁ ତଳୁଛ, ଦଇତାପତି, ଖୁଣ୍ଟିଆ, ପୁଷ୍ପାଳକ, ମେକାପ ସେବକ ଶ୍ରୀବିଗ୍ରହମାନଙ୍କୁ ହାତୀବେଶରେ ସଜ୍ଜିତ କରିଥିଲେ । ମହାରାଷ୍ଟ୍ରର ଗଣପତି ଭଟ୍ଟ ହାତୀବେଶ ନଦେଖି ଫେରି ଯାଉଥିବା ବେଳେ ମହାପ୍ରଭୁଙ୍କ ଶୂନ୍ୟବାଣୀ ଶୁଣି ଗଣପତି ଫେରିଆସି ସ୍ନାନ ବେଦୀରେ ହାତୀବେଶ ଦେଖି କୃତ୍ୟ କୃତ୍ୟ ହୋଇଯାଇଥିଲେ । ସେହିଦିନ ଠାରୁ ପ୍ରଭୁଙ୍କୁ ହାତୀବେଶ କରାଯାଉଛି । ସ୍ନାନ ବେଦୀରେ ପ୍ରଭୁଙ୍କୁ ଗଜାନନ ବେଶରେ ଦର୍ଶନ କଲେ ମହାପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି । ରାଘବଦାସ ମଠ ପକ୍ଷରୁ ଏହି ହାତୀବେଶ ସରଞ୍ଜାମ ଅର୍ପଣ କରାଯାଇଥିଲା । ଅକ୍ଷୟ ତୃତୀୟା ଠାରୁ ହାତୀବେଶ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ସୋଲ, ଜରି ଜମ୍ଭୁରା, କଦଳୀ ପାଟୁକା, କଇଥ ଅଠାରେ କାରିଗର ମାନେ ହାତୀବେଶ ପ୍ରସ୍ତୁତ କରିଥିଲେ। କିଆଫଳି, ଚନ୍ଦ୍ର ସୂର୍ଯ୍ୟ, ଡାଳି, କାନ, ଥୋଡ, ହାଣ୍ଡିଆ ଆଦି ହାତୀବେଶରେ ବ୍ୟବହୃତ ହୋଇଥିଲା। ସ୍ନାନ ପୂର୍ଣ୍ଣିମାରେ ଶ୍ରୀମନ୍ଦିର ଗୁମ୍ଫୁଟ, ସ୍ନାନବେଦୀ, ମନ୍ଦିର ଚାରିଦ୍ୱାର ସୁବାସିତ ପୁଷ୍ପରେ ସଜ୍ଜିତ ହୋଇଥିଲା। ଶ୍ରୀମନ୍ଦିର ଚାରିପଟ ଉଜ୍ଜ୍ୱଳ ଆଲୋକରେ ଆଲୋକିତ ହେବା ସହ ସ୍ନାନବେଦୀରେ ରଙ୍ଗୀନ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଥିଲା । ମାର୍କେଟ ଛକ ଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ବ୍ୟାରିକେଡ ଭିତରେ ଭକ୍ତ ମାନେ ଧାଡିରେ ଯାଇ ଦର୍ଶନ କରିବା ସହ ଉତ୍ତରଦ୍ୱାର ଦେଇ ପ୍ରସ୍ଥାନ କରୁଥିଲେ। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ପାଣି ବଣ୍ଟନ ଓ ପାଣି ଛିଞ୍ଚନ କରାଯାଇଥିଲା। ଆଜି ୪ ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତ ଓ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ହାତୀବେଶ ଦର୍ଶନ କରି ମହା ଆନନ୍ଦିତ ହୋଇଥିଲେ । ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଏସପି ପ୍ରତୀକ ସିଂ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ.ଅରବିନ୍ଦ ପାଢୀଙ୍କ ସମେତ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ଅନୁଧ୍ୟାନ କରିଥିଲେ । ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ମିଳିତ ସହଯୋଗରେ ମହାପ୍ରଭୁଙ୍କ ହାତୀବେଶ ଶୃଙ୍ଖଳିତ ଭାବେ ଦର୍ଶନ କରିଥିଲେ ଭକ୍ତ ଓ ଶ୍ରଦ୍ଧାଳୁ । ସ୍ନାନ ଯାତ୍ରାପାଇଁ ବଡ଼ଦାଣ୍ଡ ଶ୍ରଦ୍ଧାଳୁଙ୍କ ସମାଗମରେ ପୁରୀ ଉଠିଥିଲା । ବେଶ ଓଲାଗି ହେବା ପରେ ଶ୍ରୀଜିଉମାନଙ୍କୁ ଗୋଟି ପହଣ୍ଡିରେ ଶ୍ରୀମନ୍ଦିରକୁ ବିଜେ କରାଯାଇ ଅଣସର ପିଣ୍ଡିରେ ରଖାଯାଇଥିଲା। ଅଣସର ପିଣ୍ଡିରେ ରହିବା ପରେ ପାରମ୍ପରିକ ରୀତି ଅନୁଯାୟୀ ପଟି ଦିଅଁଙ୍କୁ ପଟୁଆରରେ ଅଣାଯାଇ ଅଣସର ପିଣ୍ଡି ସମ୍ମୁଖରୁ ଦଶବତାର ପଟି ନିକଟରେ ଏହି ପଟି ଦିଅଁଙ୍କୁ ରଖାଯାଇଥିଲା । ଆସନ୍ତାକାଲି ଠାରୁ ଏହି ପଟିଦିଅଁଙ୍କ ସମ୍ମୁଖରେ ସମସ୍ତ ରୀତିନୀତି ଅନୁଷ୍ଠିତ ହେବ । ଶ୍ରୀମନ୍ଦିର ଭିତରେ ଓ ବାହାରେ ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଆଜି ଥିଲା ସୋମବାର ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥି। ମହାପ୍ରଭୁ ଚତୁର୍ଦ୍ଧାମୂର୍ତ୍ତି ଙ୍କ ଜନ୍ମଦିନ । ରତ୍ନସିଂହାସନ ରୁ ପହଣ୍ଡି ହୋଇ ସ୍ନାନବେଦୀ ରେ ବିଜେ କରିଛନ୍ତି ଶ୍ରୀବିଗ୍ରହ । ଆଜି ସକାଳ ୫.୧୫ରେ ପହଣ୍ଡି ଆରମ୍ଭ ହୋଇଥିଲା । ଶ୍ରୀବିଗ୍ରହ ଙ୍କ ବିଭିନ୍ନ ନୀତି ଯୋଗୁଁ ଗତକାଲି ପହୁଡ଼ ନୀତି ହୋଇପାରିନାହିଁ । ଆଜି ମଙ୍ଗଳାର୍ପଣ ୦୫ ଟା ୦୫,ଡ଼ୋର ଲାଗି ଓ ପୁଷ୍ପାଞ୍ଜଳୀ ୦୫ ଟା ୧୦ରେ ଆରମ୍ଭ ହୋଇଥିଲା । ଅପରାହ୍ନରେ ସ୍ନାନବେଦୀ ଉପରେ ଗଜାନନ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ ମହାବାହୁ । ସ୍ନାନବେଦୀ ହୋଇଥିଲା ଚଳଚଞ୍ଚଳ । ବର୍ଷେ ପରେ ପୁଣି ମହାବାହୁ ସ୍ନାନମଣ୍ଡପକୁ ଆସିଛନ୍ତି। ଭୋର ୫ଟାରୁ ମହାପ୍ରଭୁଙ୍କ ପହଣ୍ଡି ବିଜେ ନୀତି ଆରମ୍ଭ ହୋଇଥିଲା। ଶ୍ରୀ ଜଗନ୍ନାଥ ଏବଂ ବଳଭଦ୍ରଙ୍କୁ ଦୁଇଜଣ ସେବକ ଆଗକୁ ଓପଛକୁ ଘୁଞ୍ଚାଇ, ଭୂମିକୁ ସାମାନ୍ୟ ସ୍ପର୍ଶ କରାଇ ନୃତ୍ୟଭଙ୍ଗୀରେ ପହଣ୍ଡି କରିଥିଲେ । ଦେବୀ ସୁଭଦ୍ରା ଏବଂ ସୁଦର୍ଶନଙ୍କୁ ଦୋଳି ଖେଳାଇବା ପରି ଅତି ସୁନ୍ଦର ଭାବରେ ସେବକମାନେ ଉଠାଇ ସ୍ନାନମଣ୍ଡପକୁ ନେଇଥିଲେ । ପହଣ୍ଡି ଶେଷ ହେବା ପରେ ମଙ୍ଗଳାଆଳତି ଅନୁଷ୍ଠିତ ହୋଇଥିଲା । ଦିନ ୧୨ ଟା ରୁ ୨ ଟା ମଧ୍ୟରେ ଜଳ ବିଜେ, ପୂଜା ଓ ସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା । ୪ଟାରୁ ୫ଟା ମଧ୍ୟରେ ଦୁର୍ଲଭ ଗଜାନନ ବେଶ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ୭ ଟାରୁ ୯ ଟା ୩୦ପର୍ଯ୍ୟନ୍ତ ସାହାଣମେଲା, ରାତି ୧୦ ଟାରେ ହାତୀବେଶ ମଇଲମ,ରାତି ୧୦ଟା ୩୦ ପୁଷ୍ପାଞ୍ଜଳି ଏବଂ ଡୋର ଲାଗି, ରାତି ୧୧ ଟାରୁ ୨ଟା ମଧ୍ୟରେ ବାହୁଡା ପହଣ୍ଡି, ରାତି ୨ ଟା ୩୦ ରେ ସୁନା ଚିତା ଏବଂ ରାହୁରେଖା ମଇଲମ ନୀତି ଅନୁଷ୍ଠିତ ହୋଇଥିଲା । ଆଜି ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥି । ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଛି ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରାଙ୍କ ସ୍ନାନଯାତ୍ରା । ସ୍ନାନ ବେଦୀରେ କାଳିଆ ସାଆନ୍ତଙ୍କ ଆଦ୍ୟ ଯାତ୍ରାକୁ ଦେଖିବା ପାଇଁ ଆତୁର ନୟନରେ ଚାହିଁ ରହିଥିଲେ ଲକ୍ଷ ଲକ୍ଷ ଭକ୍ତ । ଏଣେ ବର୍ଷେ ପରେ ପୁଣି ସ୍ନାନ ମଣ୍ଡପକୁ ଆସିଥିଲେ ଚତୁର୍ଦ୍ଧାମୂର୍ତ୍ତି । ଭାବ ବିନୋଦିଆଙ୍କ ଆସିବା ବାଟକୁ ବର୍ଷେ ଧରି ଅପେକ୍ଷା କରିଥିଲା ସ୍ନାନବେଦୀ । ମହାପ୍ରଭୁଙ୍କ ମାନବୀୟ ଲୀଳାର ଆଦ୍ୟ ପର୍ବ ଦେବସ୍ନାନ ପୂର୍ଣ୍ଣିମା । ରତ୍ନ ସିଂହାସନରୁ ଆସି ସ୍ନାନ ବେଦୀରେ ବିରାଜନ୍ତି ଦାରୁବ୍ରହ୍ମ । ୧୦୮ କଳସୀ ସୁବାସିତ ଜଳରେ ସ୍ନାନ କରିଛନ୍ତି ଶ୍ରୀବିଗ୍ରହ । ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କର ବାର ମାସରେ ତେର ପର୍ବ ପାଳନ ହୋଇଥାଏ । ସେଥିମଧ୍ୟରୁ ଅନ୍ୟତମ ପ୍ରମୁଖ ପର୍ବ ହେଉଛି ଦେବସ୍ନାନ ପୂର୍ଣ୍ଣିମା ତଥା ସ୍ନାନଯାତ୍ରା । ପ୍ରତିବର୍ଷ ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ଶ୍ରୀମନ୍ଦିରରେ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଥାଏ । ଏହିଦିନ ଶ୍ରୀମନ୍ଦିରର ସ୍ନାନ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପାରମ୍ପାରିକ ରୀତିନୀତିରେ ବେଦଧ୍ୱନି ପୂର୍ବକ ୧୦୮କଳସୀ ସୁବାସିତ ଜଳରେ ସ୍ନାନ କରାଯାଇଥିଲା । ଏହା ପରେ ଶ୍ରୀଜୀଉଙ୍କୁ ଗଜାନନ ବେଶରେ ସଜ୍ଜିତ କରାଯାଇଥିଲା ।ସାଧାରଣତଃ ବର୍ଷରେ ଥରୁଟିଏ ମହାପ୍ରଭୁ ଶ୍ରୀଜଗନ୍ନାଥ ଭାଇଭଉଣୀଙ୍କ ସହିତ ପ୍ରତ୍ୟକ୍ଷ ଶ୍ରୀଅଙ୍ଗ ଜଳସ୍ନାନ କରନ୍ତି। ବାକିବର୍ଷ ସାରା ତାଙ୍କୁ ବିମ୍ବସ୍ନାନ କରାଯାଏ । ଏହି ଦିନକୁ ଜଗନ୍ନାଥଙ୍କର ଜନ୍ମଦିନ ରୂପରେ ମଧ୍ୟ ପାଳନ କରାଯାଇଥାଏ । ସ୍ନାନ ପୂର୍ଣ୍ଣିମା ରୀତିନୀତି ପୂର୍ବ ରାତିରେ ଲାଗିହୁଏ ସେନାପଟା ଓ ବାହୁଟ ଶାସ୍ତ୍ର ମତରେ ଜ୍ୟୋଷ୍ଠ ପୂର୍ଣ୍ଣିମା ଦିବସରେ ମହାପ୍ରଭୁଙ୍କ ଆବିର୍ଭାବ ହୋଇଥିଲା । ଜ୍ୟୋଷ୍ଠମାସ ପୂର୍ଣ୍ଣମୀରେ ମହାପ୍ରଭୁଙ୍କ ପ୍ରଥମ ସ୍ନାନଲୀଳା ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଦର୍ଶନ କରୁଥିବାରୁ ଏହି ଲୀଳାକୁ ପତିତପାବନ ଲୀଳା କୁହାଯାଏ । ସ୍ନାନପୂର୍ଣ୍ଣିମା ପୂର୍ବଦିନ ସାଧାରଣ ଦିନ ପରି ଶ୍ରୀମନ୍ଦିରରେ ଦ୍ୱାରଫିଟା,ପାହାନ୍ତିଆ ଅବକାଶ, ଗୋପାଳବଲ୍ଲଭ, ସକାଳଧୂପ, ଦ୍ୱିପ୍ରହର ଧୂପଆଦି ସମସ୍ତ ନୀତିର ସମାପନ ପରେ ସ୍ୱଳ୍ପ ସମୟ ପାଇଁ ପହୁଡ଼ହୁଏ ଓ ପରେ ପରେ ସ୍ନାନ ପୂର୍ଣ୍ଣିମାର ବିଧି ଆରମ୍ଭ ହେଇଥିଲା । ଏହିଦିନ କୋଠ ସୁଆଁସିଆ ମନ୍ଦିରରେ ପ୍ରବେଶ କରି ଓ ପହଣ୍ଡିପାଇଁ ଚାରମାଳ ବାନ୍ଧନ୍ତି । ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସେନାପଟା ଓ ବାହୁଟିଲାଗି ହୁଏ । ରତ୍ନ ସିଂହାସନ ଉପରେ ମଙ୍ଗଳାର୍ପଣ କରାଯାଏ । ୧୦୮ କଳସୀ ସୁବାସିତ ଜଳରେ ସ୍ନାନ କରିଥିଲେ ଶ୍ରୀବିଗ୍ରହ । ସକାଳୁ ହୋଇଥିଲା ପହଣ୍ଡି । ସ୍ନାନ ପୂର୍ଣ୍ଣମୀ ଦିନ ସ୍ନାନ ମଣ୍ଡପରେ ମଙ୍ଗଳାଳତି ମଧ୍ୟ ହୋଇଥିଲା । ଏଥିପାଇଁ ସକାଳ ସମୟରୁ ସୁଦର୍ଶନ ସମେତ ତିନି ଠାକୁରଙ୍କୁ ସ୍ନାନମଣ୍ଡପକୁ ପହଣ୍ଡି କରାଯାଇଥିଲା । ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦଇତାମାନେ ପହଣ୍ଡି କରାଉଥିବାବେଳେ ମଦନମୋହନଙ୍କୁ କେବଳ ମହାଜନ ସେବକମାନେ ବିଜେ କରାଇଥିଲେ। ପହଣ୍ଡି ବିଜେ ସମୟରେ ସାତପାହଚ ଉପରେ ଠାକୁରମାନେ ଚୂଳ ଓ ଟାହିଆ ଲାଗି ହୋଇଥିଲା ।

## ସ୍ନାନବେଦୀରେ ଶ୍ରୀବିଗ୍ରହଙ୍କୁ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ମନ୍ତ୍ରୀ

ପବିତ୍ର ସ୍ନାନପୂର୍ଣ୍ଣମୀ ଓ ଶ୍ରୀବିଗ୍ରହଙ୍କ ଜନ୍ମଦିନ ଅବସରରେ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶ୍ରୀକ୍ଷେତ୍ର ଆସି ଶ୍ରୀମନ୍ଦିରରେ ସ୍ନାନବେଦୀ ଉପରେ ବିରାଜମାନ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରି ରାଜ୍ୟବାସୀଙ୍କ ମଙ୍ଗଳକାମନା କରିଛନ୍ତି । ତାଙ୍କ ସହିତ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସାଂସଦ ଡ.ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟକ ଉପାସନା ମହାପାତ୍ର ଓ ଅନ୍ୟ ନେତୃମଣ୍ଡଳ ସାମିଲ ହୋଇଥିଲେ । ସେହିପରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶ୍ରୀକ୍ଷେତ୍ର ଆସି ଶ୍ରୀଜୀଉଙ୍କ ଦର୍ଶନ କରି ଆଶିଷ ଲାଭ କରିଛନ୍ତି । ପରେ ପରେ ମୁଖ୍ୟମନ୍ତ୍ରୀ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ମଧୁବନ ବାସଭବନକୁ ଯାଇ ବିଭିନ୍ନ ବାଲୁକାକଳା ଫଟୋଚିତ୍ର ଓ ପୁରସ୍କାର ଦେଖିଥିଲେ ।

## ବରଗଡ଼ ଆସିବେ ଅମିତ ଶାହ



**ବରଗଡ଼ :** କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ୍ ଶାହ ଆସନ୍ତା ୪ତାରିଖରେ ଦୁଇଦିନିଆ ପଶ୍ଚିମଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି ବୋଲି ବରଗଡ଼ ବିଜେପି ସାଂସଦ ପ୍ରଦୀପ ପୁରୋହିତ ସୂଚନା ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହ ୪ତାରିଖରେ ବରଗଡ଼ରେ ଇଥାନଲ୍ ରିଫାଇନାରୀର ଉଦଘାଟନ କରିବା ସହ ୫ତାରିଖରେ ସମ୍ବଲପୁରରେ ବିଭିନ୍ନ ସରକାରୀ ପ୍ରକଳ୍ପର ଶିଳାନ୍ୟାସ ଓ ସାଧାରଣ ସଭାକୁ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି। ସୋମବାର ବରଗଡ଼ ସାଂସଦ ଶ୍ରୀ ପୁରୋହିତ ସୂଚନା ଦେଇ କହିଛନ୍ତି ଯେ, ଜୁଲାଇ ୪ତାରିଖରେ ଗୃହମନ୍ତ୍ରୀ ଅମିତ୍ ଶାହ ସ୍ୱତନ୍ତ୍ର ବିମାନରେ ଝାରସୁଗୁଡ଼ା ବିମାନବନ୍ଦରରେ ପହଂଚିବେ। ସେଠାରୁ ସିଧାସଳଖ ବରଗଡ଼ ଯାଇ କେନ୍ଦ୍ର ସରକାରଙ୍କ ପ୍ରୋତ୍ସାହନରେ ନିର୍ମିତ ଏକ ବୃହତ୍ ଇଥାନଲ୍ ରିଫାଇନାରୀ ପ୍ରକଳ୍ପର ଉଦଘାଟନ କରିବେ। ପଶ୍ଚିମ ଓଡ଼ିଶାରେ ଶିଳ୍ପ ଓ ଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶ ବୃଦ୍ଧି ଦିଗରେ କେନ୍ଦ୍ର ସରକାରଙ୍କ ପ୍ରୟାସର ଏହା ଅଂଶବିଶେଷ ବୋଲି କୁହାଯାଉଛି।

### ରାଜଧାନୀରେ ଯୁବକଙ୍କୁ ବିଭତ୍ସ ହତ୍ୟା
## ବାପା-ଭଉଣୀ ଆଗରେ ପିଟି ପିଟି ମାରିଦେଲେ

**ଭୁବନେଶ୍ୱର:** ରାଜଧାନୀ ଖଣ୍ଡଗିରି ଥାନା ଅଞ୍ଚଳରେ ଅପରାଧୀମାନେ ବିଭତ୍ସ କାଣ୍ଡ ଘଟାଇଛନ୍ତି। ଖଣ୍ଡଗିରି ଥାନା ଠାରୁ ମାତ୍ର କିଛି ଦୂର କୋଳଥିଆ ଅଞ୍ଚଳରେ ଜଣେ ଯୁବକଙ୍କୁ ଲୁହାରଡରେ ପିଟି ପିଟି ହତ୍ୟା କରାଯାଇଛି। ଏପରିକି ବାପା ଓ ଭଉଣୀଙ୍କ ଆଗରେ ଦୁର୍ବୃତ୍ତମାନେ ମରଣାନ୍ତକ ଆକ୍ରମଣ କରିବାକୁ ପଛାଇନାହାନ୍ତି। ଆକ୍ରମଣରେ ବାପା ଓ ଭଉଣୀ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ମୃତ ଯୁବକ ହେଲେ କୃଷ୍ଣଚନ୍ଦ୍ର ପାଢ଼ୀ ଓରଫ ବୁଢ଼ି (୨୦)। ସେ ଯୁକ୍ତ-୩ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ରବିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିବା ବେଳେ ସୋମବାର ଲୋକଲୋଚନକୁ ଆସିଛି। କୃଷ୍ଣଙ୍କ ମୁଣ୍ଡ ସମେତ ଅନ୍ୟାନ୍ୟ ଅଙ୍ଗରେ ଗଭୀର ଆଘାତ ଲାଗିଛି। ଅଭିଯୁକ୍ତମାନେ ଏଭଳି ଚାଞ୍ଚଲ୍ୟକର ଘଟଣା ଘଟାଇ ଫେରାର ହୋଇଯାଇଛନ୍ତି। ପୋଲିସ ସେମାନଙ୍କୁ ଧରିବାକୁ ପ୍ରୟାସ ଚଳାଇଛି। ପୂର୍ବଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ଅନୁମାନ କରୁଛି। ପୋଲିସ ସ୍ଥାନୀୟ ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି।

### ସବୁ ସ୍କୁଲ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପଠାଯିବ ସଂଶୋଧିତ କପି
## ବହି ପ୍ରତ୍ୟାହାର ହେବନି : ଗଣଶିକ୍ଷାମନ୍ତ୍ରୀ

**ଭୁବନେଶ୍ୱର:** ଭୁଲ୍ ବହିରେ ପିଲା କେମିତି ପଢ଼ିବେ ? ବହି ପ୍ରତ୍ୟାହାର ହେବ ନା ସେହି ବହିରେ ପଢ଼ିବେ ? ଏହାକୁ ନେଇ ଛାତ୍ରଛାତ୍ରୀ, ଅଭିଭାବକ ଦ୍ୱନ୍ଦ୍ୱରେ ଥିବାବେଳେ ସ୍ପଷ୍ଟ କରିଛନ୍ତି ଗଣଶିକ୍ଷାମନ୍ତ୍ରୀ। ବହି ପ୍ରତ୍ୟାହାର ହେବନି। ସବୁ ସ୍କୁଲକୁ ପଠାଯିବ ସଂଶୋଧିତ କପି। ସେହି କପି ଆଧାରରେ ପିଲା ପାଠପଢ଼ିବେ। ତ୍ରୁଟି ପୂର୍ଣ୍ଣ ବହି ପ୍ରତ୍ୟାହାର, ପୁରୁଣା ବହିରେ ପାଠ ପଢ଼ା ପାଇଁ ବିଭିନ୍ନ ସଂଗଠନର ଦାବି ପରେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି ଛାତ୍ରଛାତ୍ରୀ ଓ ଅଭିଭାବକ। ନୂଆ ପାଠ୍ୟକ୍ରମ ଅନୁସାରେ ଦୁଇ ମାସ ପଢ଼ିବା ପରେ ଏବେ କଣ କରିବେ, ସେ ନେଇ ଚିନ୍ତାରେ ପଡିଛନ୍ତି। ଏହି ଦ୍ୱନ୍ଦ୍ୱ ଦୂର କରିଛନ୍ତି ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। କହିଛନ୍ତି, ଏବେ ସମସ୍ତ



ବହିକୁ ପ୍ରତ୍ୟାହାର କରି ନୂଆବହି ଦେବା ସମ୍ଭବ ନୁହେଁ। ଏଣୁ ସମସ୍ତ ସ୍କୁଲ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ପାଖକୁ ସଂଶୋଧିତ ବହିର କପି ପଠାଯିବ। କପି ଆଧାରରେ ପାଠ ପଢ଼ିବେ ଛାତ୍ରଛାତ୍ରୀ। କମିଟି ଯେଉଁ ୧୪ଟି ପଏଣ୍ଟ ଦେଇଛି, ସେ ଆଧାରରେ ସଂଶୋଧନ କରାଯିବ ଏବଂ ପିଲାଙ୍କୁ ପାଠ ପଢ଼ାଯିବ। ତଦନ୍ତ ରିପୋର୍ଟ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଓ ଆଗକୁ ମଧ୍ୟ ନିଆଯିବ। ତ୍ରୁଟିପୂର୍ଣ୍ଣ ବହି ପ୍ରତ୍ୟାହାର ହେବନି ବୋଲି ମନ୍ତ୍ରୀ ସ୍ପଷ୍ଟ କରିବା ପରେ ଏବେ ସଂଶୋଧିତ ପୁସ୍ତିକାକୁ ଅପେକ୍ଷା। ତେଣୁ ଯେତେ ଶୀଘ୍ର ସମ୍ଭବ ସବୁ ସ୍କୁଲକୁ ତ୍ରୁଟି ଶୂନ୍ୟ ସଂଶୋଧିତ ପୁସ୍ତିକା ଯୋଗାଇ ଦେବାକୁ ଦାବି କରିଛି ଶିକ୍ଷକ ସଂଘ। ଅନ୍ୟପଟେ ତ୍ରୁଟି ପୂର୍ଣ୍ଣ ବହି ସମ୍ପୂର୍ଣ୍ଣ ପ୍ରତ୍ୟାହାର ପାଇଁ ପୁଣି ଦାବି ଦୋହଇରାଇଛି ବିଜେଡି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛପା ଯାଇଥିବା ୫୫ଖଣ୍ଡ ନୂଆ ବହିରେ ପ୍ରାୟ ୨ହଜାରରୁ ଅଧିକ ତ୍ରୁଟି ରହିଛି। ଏହା ସାମନାକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ଷଡ଼ଯନ୍ତ୍ରର ଗନ୍ଧ ବାରିଥିଲେ। ଏବଂ ଉଚ୍ଚସ୍ତରୀୟ କମିଟି ଗଠନ କରି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। କମିଟିର ରିପୋର୍ଟ ଆଧାରରେ ୧୦ଜଣଙ୍କ ବିରୋଧରେ ହୋଇଛି କାର୍ଯ୍ୟାନୁଷ୍ଠାନ।

## ଆଧାର ଲିଙ୍କ୍ ନକଲେ ବନ୍ଦ ହୋଇଯିବ ମାସିକ ଭତ୍ତା



**ଭୁବନେଶ୍ୱର:** ବୈଷୟିକ କାରଣରୁ ପ୍ରାୟ ୨ରୁ ୩ମାସ ଧରି ସାମାଜିକ ସୁରକ୍ଷା ଭତ୍ତା ପାଇବାରେ ସମସ୍ୟା ଭୋଗିଥିବା ହିତାଧିକାରୀ ସାବଧାନ। ଯଦି ଆପଣ କିମ୍ବା ଆପଣଙ୍କ ପରିବାରର କେହି ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅନ୍ତର୍ଗତ ମାସିକ ପେନସନ୍ ବା ଭତ୍ତା ପାଉଛନ୍ତି, ତେବେ ତୁରନ୍ତ ନିଜର ବ୍ୟାଙ୍କ ଆକାଉଣ୍ଟ ସହ ଆଧାର ନମ୍ବରକୁ ଲିଙ୍କ୍ କରାଇ ନିଅନ୍ତୁ। ନଚେତ୍ ଯେକୌଣସି ମୁହୂର୍ତ୍ତରେ ଆପଣଙ୍କ ମାସିକ ଭତ୍ତା ବନ୍ଦ ହେବାର ଆଶଙ୍କା ରହିଛି। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠ ଆଜି ସମସ୍ତ ଜିଲ୍ଲାପାଳଙ୍କୁ ଏକ ଜରୁରୀ ଚିଠି ଲେଖି କହିଛନ୍ତି ଯେ, ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ଠାରୁ କେନ୍ଦ୍ର ସରକାର କେବଳ ସ୍ନା-ସ୍ପର୍ଶ ପ୍ଲାଟଫର୍ମ ମାଧ୍ୟମରେ କେବଳ ଆଧାର ଲିଙ୍କ୍ ଆଧାରିତ ପେମେଣ୍ଟ ମୋଡରେ ଭତ୍ତା ପ୍ରଦାନ କରୁଛନ୍ତି। ଯେଉଁଥିପାଇଁ ପୁରୁଣା ଆକାଉଣ୍ଟ ଆଧାରିତ ପେମେଣ୍ଟ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦିଆଯାଉଛି । ରାଜ୍ୟରେ ଏବେବି ୩,୩୫,୮୫୦ ଜଣ ଭତ୍ତାଧାରୀ ଅଛନ୍ତି ଯେଉଁମାନଙ୍କର ବ୍ୟାଙ୍କ ଆକାଉଣ୍ଟ ସହ ଆଧାର ନମ୍ବରକୁ ଲିଙ୍କ୍ କରାଯାଇ ନାହିଁ। ଏହି ହିତାଧିକାରୀମାନେ ନିଜର ସାଧାରଣ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ମାସିକ ଭତ୍ତା ପାଉଛନ୍ତି।

### ରଥ ନିର୍ମାଣର ୭୦ ତମ ଦିବସ



## ତିନିରଥରେ ବସିଲା କନକ ମୁଣ୍ଡି

- ତିନିରଥର ଗୋଟିଏ ଗୋଟିଏ ନୂତନ ବ୍ରେକ ନିର୍ମାଣ ଶେଷ ପର୍ଯ୍ୟାୟରେ
- ରଥଖଳାରେ ରଥନିର୍ମାଣ ଶୈଳୀ ଦେଖିଲେ ମୁଖ୍ୟମନ୍ତ୍ରୀ

**ପୁରୀ :** ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀଗୁଣ୍ଡିଚା ଯାତ୍ରା । ରତ୍ନବେଦିରୁ ଜନ୍ମବେଦୀକୁ ବିଜେ କରିବେ ଚତୁର୍ଦ୍ଧାମୂର୍ତ୍ତି । ରଥାରୁଢ଼ ହୋଇ ବଡଦାଣ୍ଡରେ ଘର ଘର ନାଦ କରି ରଥ ଗଡିବ । ଏଥିପାଇଁ ବଡଦାଣ୍ଡ ସ୍ଥିତ ରାଜାନଅର ସମ୍ମୁଖ ରଥଖଳା ଚଳଚଞ୍ଚଳ ହୋଇଉଠିଛି । ରଥ ନିର୍ମାଣକାରୀ ସେବକ ମାନେ ତିନିରଥର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ କରୁଛନ୍ତି । ସୋମବାର ରଥ ନିର୍ମାଣର ୭୦ ତମ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ରଥ ଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ସୋମବାର ତିନିରଥର ବସିଲା କନକ ମୁଣ୍ଡି ଓ ତିନିରଥର ଗୋଟିଏ ଗୋଟିଏ ନୂତନ ବ୍ରେକ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ରବିବାର ସୁଦ୍ଧା ତିନିରଥର ବେଦୀ ସିଂହାସନ ନିର୍ମାଣ ଶେଷ ହେବାସହ ସିଂହାସନ ମାଲ କାଠର ଚଉପଟ କାର୍ଯ୍ୟ ଶେଷ ହୋଇ ତିନିରଥର ୧୨ ଗୋଟି ଦୁଆର ବେଡ଼ା ରେ ରଙ୍ଗ କାର୍ଯ୍ୟ ଶେଷ ହୋଇଥିଲା । ମହାରଣା ସେବକ ଏବଂ ଭୋଇ ସେବକଙ୍କ ସହଯୋଗରେ ଆଜି ତିନି ତିନିରଥର ସିଂହାସନ ବେଦୀ ଉପରେ ପ୍ରଥମ ଭୂଇଁ ଉପର ମଧ୍ୟଭାଗରେ କନକ ମୁଣ୍ଡି ବସି କନକ ମୁଣ୍ଡି ରୁ ୪ ଗୋଟି ଲେଖାଏଁ କାଣ୍ଡ ଏବଂ ୨୦ ଗୋଟି ରୁଅ ଗମ୍ବୁଜ କାର ଭାବେ ସେଟିଙ୍ଗ କରାଯାଇଛି ।ସେଥିରେ ବର୍ଷା ପାଣି ନପଡିବା ପାଇଁ ପିତଳ ଚଦର ଆବରଣ ଫିଟିଙ୍ଗ କରାଯିବା ବାକି ରହିଛି ।ରଥ ଉପରକୁ ଶ୍ରୀବିଗ୍ରହ ମାନଙ୍କ ପହଣ୍ଡି ହୋଇ ରଥ ଉପରକୁ ଉଠିବା ପାଇଁ ତାଳ ମାଲ ଗୁଡ଼ିକର ମାପ ପ୍ରକାରେ ମୁଖ ସାଲ କାର୍ଯ୍ୟ ଆରମ୍ଭ ହୋଇଛି ନନ୍ଦି ଘୋଷ ରଥ ଏବଂ ତାଳ ଧ୍ୱଜ ରଥର ୬ ଟି ଲେଖାଏଁ ଏବଂ ଦର୍ପଦଳନ ରଥର ୪ ଗୋଟି ତାଳ ମାଲ ଗୁଡ଼ିକର ମୁଖ ସାଲ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନିରଥର ନୂତନ ଗୋଟିଏ ଗୋଟିଏ ଶାଳ କାଠର ବ୍ରେକ ଶାଳ କାଠକୁ ମାପ ପ୍ରକାରେ ଚଉପଟ କାର୍ଯ୍ୟ ତିନିରଥର ମହାରଣା ସେବକ ମାନେ ଶେଷ ପର୍ଯ୍ୟାୟରେ ପାହଞ୍ଚାଇଛନ୍ତି, ସେଥିରେ ୬ ଟି ଲେଖାଏଁ ଲୁହା ବଳା ଫିଟିଙ୍ଗ କାର୍ଯ୍ୟ ବାକି ରହିଛି ।ରୂପକାର ସେବକ ମାନେ ତିନିରଥର ପ୍ରଭା ରେ ରୂପ ଖୋଦେଇ ସହ ରୂପ ଖୋଦେଇ ଶେଷ ହୋଇଥିବା ଅଂଶ ଗୁଡ଼ିକର ପଲିସ୍ କାର୍ଯ୍ୟ ଜାରୀ ରଖିଛନ୍ତି।

# ସମ୍ପାଦକୀୟ

## ଅଗ୍ନି ଆତଙ୍କ

ଭାରତବର୍ଷର ବିଭିନ୍ନ ସ୍ଥାନରେ ବିଭିନ୍ନ ସମୟରେ ଫାୟାର କେସେସ୍ ନଜରକୁ ଆସିଥାଏ। ଯେଉଁଥିରେ ବହୁ ଧନ ଜୀବନ ହାନି ହୋଇଥାଏ। ଏହା ତ ଅତି ସାଧାରଣ କଥା। କୌଣସି ବି ବିପତ୍ତିରେ ଯେ ଧନ ଜୀବନର ହାନି ଘଟିବ ଏହା ଯଦିଓ ସାଧାରଣ କଥା, ତେବେ ଅସାଧାରଣ କଥା କ'ଣ ? ଯାହା କି ବିଶେଷ କଥା। ଦେଶର ବିଭିନ୍ନ ସ୍ଥାନରେ ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ଟ୍ରାଜେଡୀ ଘଟୁଥିବାର ନଜରକୁ ଆସୁଛି, ଦୁର୍ଘଟଣା ପରବର୍ତ୍ତୀ ପଦକ୍ଷେପମାନ ମଧ୍ୟ ସରକାରଙ୍କ ତରଫରୁ ନିଆଯାଉଛି। ହେଲେ ଦୁର୍ଘଟଣା ପୂର୍ବରୁ କିନ୍ତୁ ସରକାରଙ୍କ ପକ୍ଷରୁ ସେମିତି କିଛି ପଦକ୍ଷେପ ନିଆଯାଉନି। କେବେ କେବେ କେତେକ ସ୍ଥାନରେ ହୁଏତ କିଛି ସଠିକ୍ ପଦକ୍ଷେପ ନିଆଯାଉଛି ହେଲେ ଅଧିକାଂଶ ସ୍ଥାନରେ ସିଷ୍ଟମ୍ କିନ୍ତୁ ଫେଲ୍। ଏହା ପଛରେ କାରଣ କ'ଣ ହୋଇପାରେ ? କାରଣ ଯାହା ବି ହେଉନା କାହିଁକି, ସରକାର ତ ଶପଥ ନେଇଥିଲେ, ଶପଥ ଗ୍ରହଣ ସମୟରେ । ତାହା ବି ଏମିତି ସେମିତି ଶପଥ ନୁହେଁ। ବଜ୍ର ଶପଥ, ତାହା ବି ସରକାରୀ କଳର ସହାୟତାରେ, ତାହା ବି ସରକାରୀ କଳର ସମ୍ମୁଖରେ। ତଥାପି ସବୁକିଛି ଫେଲ୍ । ଖାଲି କଥାରେ କଥାରେ ସୀମିତ ରହିଯାଉଛି ଶପଥ ! କାର୍ଯ୍ୟରେ କାହିଁ କିଛି ନାହିଁ ! ଯଦି ସରକାର କିମ୍ବା ସରକାରୀ କଳ ଠିକ୍ ଭାବେ ସବୁ କିଛି ପଦକ୍ଷେପ ସଠିକ୍ ସମୟରେ ନେଇପାରୁଥାନ୍ତେ ତେବେ ସମାଜରେ ରାତିପାହିଲେ ଏମିତି ସେମିତି ଘଟଣା ଦୁର୍ଘଟଣାମାନ ଘଟୁନଥାନ୍ତା।ଏଇ ଯେମିତି ଲକ୍ଷ୍ନୌ ଫାୟାର ଟ୍ରାଜେଡୀ ଘଟଣା ଯାହା କି ଏଇମାତ୍ର ଦିନକ ପୂର୍ବରୁ ଘଟିଯାଇଛି। ସୋମବାର ସମୟ ଦିନ ଦୁଇଟା ଚାଳିଶି । ଲକ୍ଷ୍ନୌର ଗହଳି ଚହଳି ଏରିଆ ଆଲିଗଞ୍ଜ ଇଲାକାରେ ଏଭଳି ଏକ ଛାତିଥରା ଘଟଣା ଘଟିଯାଇଛି, ଯାହାକି ପୂରା ଦେଶକୁ ଦୋହଲାଇ ଦେଇଛି। ଆଲିଗଞ୍ଜ ସ୍ଥିତ ଏକ ବାଣିଜ୍ୟିକ କୋଠାରେ ନିଆଁଲାଗି ୧୫ ଛାତ୍ର ଜୀବନ୍ତ ଦଗ୍ଧ ହେଇଯାଇଛନ୍ତି। ଯେଉଁଠାରେ ପ୍ରଥମ ମହଲାରେ ଗୋଟାଏ ପେଟ୍ ସେଣ୍ଟର ଥିବାବେଳେ ଦ୍ୱିତୀୟ ମହଲାରେ କିନ୍ତୁ ଗୋଟାଏ ଆନିମେସନ ସେଣ୍ଟର ଚାଲିଥିଲା। ଯେଉଁଥିରେ ମାତ୍ର ପନ୍ଦରରୁ କୋଡ଼ିଏ ମଧ୍ୟରେ ଛାତ୍ର ଥିଲେ। ଯାହା ବି ଥିଲେ ସେମାନଙ୍କ ମଧ୍ୟରୁ ୧୫ ଜଣ ଛାତ୍ରଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଛି। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ତାଙ୍କର ସମସ୍ତ କାର୍ଯ୍ୟକ୍ରମ ବାତିଲ୍ କରି ତୁରନ୍ତ ଆସି ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ସମୀକ୍ଷା କରିଛନ୍ତି। କେବଳ ଶୁଖିଲା ସମୀକ୍ଷା କରି ନାହାଁନ୍ତି। ପ୍ରତ୍ୟକ ମୃତକଙ୍କ ପରିବାରକୁ ୫ ଲକ୍ଷ ଲେଖାଏଁ ସହାୟତା ରାଶି ଘୋଷଣା କରିବା ସହ ପ୍ରତ୍ୟକ ଗୁରୁତରଙ୍କୁ ପଚାଶହଜାର ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ଏ କଥା ବି ଅତି ସାଧାରଣ କଥା। କାରଣ ସବୁ ସରକାର ବି ଏମିତି କରନ୍ତି। ସେ ଉତ୍ତରପ୍ରଦେଶ ସରକାର ହୁଅନ୍ତୁ ଅବା ଓଡ଼ିଶା ସରକାର। କେହି ବି ସରକାର ଏଭଳି କୌଣସି ବି ପରିସ୍ଥିତିରେ ସମାଜର ଆହତ ଅବା ମୃତ ପରିବାରକୁ ସାହାଯ୍ୟ ସହଯୋଗର ହାତ ବଢାଇବାର ବହୁତ ନଜୀର ରହିଛି। ହେଲେ ବଡ଼ ପ୍ରଶ୍ନ ହେଉଛି କୌଣସି ବି ସରକାର ମୃତ୍ୟୁ ପରେ କୌଣସି ବି ମୃତକଙ୍କ ଜୀବନକୁ ଫେରାଇ ଆଣିପାରିବେ କି ? ଉତ୍ତର କେବଳ ନା..ନା..ନା..। ଯଦି ନା.. ତେବେ ଘଟଣା ଦୁର୍ଘଟଣାର ରୂପ ନେବା ପୂର୍ବରୁ ସରକାର କାହିଁକି କିଛି ପଦକ୍ଷେପ ନେଉନାହାଁନ୍ତି ।ସେଥିପାଇଁ ଉତ୍ତରଦାୟୀ କିଏ ? ଦୋଷ ପ୍ରକୃତରେ କାହାର ? ଏହା ହିଁ ଆଜିର ତାରିଖରେ ସବୁଠାରୁ ବଡ଼ ପ୍ରଶ୍ନ। ହେଲେ କାହା ପାଖରେ ନାହିଁ ଉତ୍ତର। କାରଣ ବ୍ୟବସ୍ଥାରେ ରହିଯାଉଛି ତ୍ରୁଟି। ଯାହାକୁ ସୁଧାରିବାର ଦାୟିତ୍ୱ ହେଉଛି ଯୋଗୀ ସରକାରଙ୍କର। ଏତେ କଡ଼ା ସରକାର ତଥାପି କେବେ କେବେ କିଛି ନା କିଛି ତ୍ରୁଟି ରହିଯାଉଛି । ଯୋଗୀଜୀ କି ଘରକୁ ଘର ବୁଲି ଅବା ପରିସ୍ଥିତିକୁ ସୁଧାରିପାରିବେ ? ତାହା ତ ସମ୍ଭବ ନୁହେଁ। ସେଣୁ ଆଲିଗଞ୍ଜ ସ୍ଥିତ ବାଣିଜ୍ୟିକ କୋଠାର କର୍ତ୍ତୃପକ୍ଷ ଯେ କି ଭଡ଼ାଟା ତ ସମୟାନୁସାରେ ନେଇଯାଉଥିଲେ ଅଥଚ ପରିଚାଳନା ଦାୟିତ୍ୱରେ ଅବହେଳା ? ତୁରନ୍ତ ସେଭଳି ଘର ଅବା ସଂସ୍ଥା ମାଲିକଙ୍କ୍ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣର ଆବଶ୍ୟକତା ରହିଛି। ଯୋଗିଜୀ କି ଆମର ଜିଲା କି ? ତୁରନ୍ତ ଆକ୍ସନ ନିଆଗଲାଣି। ଏବେ ଆଗାମୀ ଫଳାଫଳକୁ ଅପେକ୍ଷା।

## ବୀର ବାହାଦୂର

ଭାରତରେ ମୋଗଲ୍ ଶାସକ ଭାବରେ ବେଶ୍ ପ୍ରସିଦ୍ଧି ଲାଭ କରିଥିଲେ ଅକବର ଯାହାଙ୍କ ବୀରତ୍ୱର ଗାଥା ଆଜି ବି ଭାରତରେ ଚର୍ଚ୍ଚିତ । ମୋଗଲ୍ ସମ୍ରାଟ୍ ଆକବରଙ୍କ ରାଜ ଦରବାର। ଥରେ ଦୁଇ ଯୁବକ ସେମାନେ ଆସିଥିଲେ ଆକବରଙ୍କ ପାଖକୁ କିଛିଟା ନିଯୁକ୍ତି ଆଶା ନେଇ । କୁହାଯାଏ କି ଅଶୋକ୍, ଆକବର ଏବଂ ଆଲେକଜାଣ୍ଡାର। ଇତିହାସର ତିନି ପ୍ରସିଦ୍ଧ ବୀର। ସେହିଭଳି ବୀର ଥିଲେ ଆକବର ଯେ କି ଦିଲ୍ଲୀରୁ ନିଜର ଶାସନ ଚଳାଉଥିଲେ। ଥରେ ଦୁଇ ରାଜପୁତ ଆକବରଙ୍କ ସୈନ୍ୟବାହିନୀରେ ଯୋଗ ଦେବାର ଇଚ୍ଛା ନେଇ ଯେବେ ତାଙ୍କର ଇଚ୍ଛା ଆକବରଙ୍କ୍ ନିକଟରେ ପ୍ରକାଶ କଲେ, ଆକବର ତୁରନ୍ତ ତାଙ୍କୁ ସୈନ୍ୟବାହିନୀରେ ଯୋଗ ଦେବାର ପ୍ରତିଶ୍ରୁତି ଦେଇଥିଲେ। ତେବେ ତା'ପୂର୍ବରୁ ଆକବର କିନ୍ତୁ ସେମାନଙ୍କ ପରୀକ୍ଷା ନେଇଥିଲେ। ସେମାନେ କେତେଦୂର ସାହସୀ, ସେ ବିଷୟରେ ସେମାନେ ଆକବରଙ୍କ ନିକଟରେ ପରୀକ୍ଷା ଦେବାର ସେମିତି କିଛି ଆବଶ୍ୟକ ପଡ଼ିଲା। ଦୁଇ ଭାଇ ନିଜକୁ ରାଜପୁତ ବୋଲି କହି ତାହା ହିଁ ତାଙ୍କରା ସାହସ ବୋଲି କହିବା ପରେ ବି ବାଦଶାହ ଆକବର ତଥାପି ତାଙ୍କର ପରିଚୟ ମାଗନ୍ତେ ରାଜପୁତ ଭ୍ରାତାଦ୍ୱୟ ତୁରନ୍ତ ଉଭୟ ନିଜର ଖଡ୍‌ଗ୍ ବାହାର କରି ପରସ୍ପର ବିରୁଦ୍ଧରେ ତୁରନ୍ତ ଖଡ୍‌ଗ ଉତ୍ତୋଳନ କରି ଆରମ୍ଭ କରିଦେଲେ ଅସୀ ଚାଳନା। ଦେଖୁ ଦେଖୁ ଉଭୟଙ୍କ ମଧ୍ୟରେ ଆରମ୍ଭ ହୋଇଗଲା ଏକ ଖଣ୍ଡ ଯୁଦ୍ଧ। ଯାହାକୁ ଦେଖି ଆକବର ନିଜ ଆଖିକୁ ମଧ୍ୟ ବିଶ୍ୱାସ କରିପାରିଲେ ନାହିଁ । ଏହି ରାଜପୁତ ଭାଇମାନେ ନିଜ ଆଖିକୁ ମଧ୍ୟ ବିଶ୍ୱାସ କରି ପାରିଲେ ନାହିଁ। ଉଭୟ ରାଜପୁତ ଭାଇଦ୍ୱୟଙ୍କୁ ସେ ତ କେବଳ ତାଙ୍କର ସାହସିକତାର ପ୍ରମାଣ ମାଗିଥିଲେ। ହେଲେ ରାଜପୁତ ଭାଇମାନେ କିନ୍ତୁ ପରସ୍ପର ମଧ୍ୟରେ ଏମିତି ଯେ ଭିଡ଼ିଯିବେ, ଏମିତି ତ କେବେ ବି ଭାବିପାରିନଥିଲେ ବାଦଶାହ ଆକବର। ବାଦଶାହ ଆକବର ନିଜେ ବି ତାଜୁବ୍ ହୋଇଗଲେ। ହେଲେ କ'ଣ କରିବେ ଏବଂ କ'ଣ ନ କରିବେ , ସେଥିନେଇ ସେ ବି କିଛି ଭାବିପାରିଲେ ନାହିଁ। କିଛି ସମୟ ପାଇଁ ସେ ବି ବିଚଳିତ ହୋଇପଡ଼ିଲେ। ହଠାତ୍ ସେ ଡାକ ପକାଇଲେ ସେନାପତି ମାନସିଂଙ୍କୁ ଯେ କି ଆକବରଙ୍କ୍ ରାଜ ଦରବାରରେ ବହୁ ପୂର୍ବରୁ ନିଯୁକ୍ତି ପାଇଥିଲେ ଜଣେ ସେନାପତି ଭାବରେ। ତେବେ ରାଜପୁତ ମାନସିଂଙ୍କ୍ ଆସିଲାବେଳକୁ ସାମାନ୍ୟ ବିଳମ୍ବ ହୋଇଯାଇଥିଲା। ତଥାପି ମାନ ସିଂ ଅତି ଧୈର୍ଯ୍ୟର ସହିତ ସେ ଦୁହିଁଙ୍କ୍ ଯୋଗ୍ୟତା ବିଷୟରେ ଅନୁଧ୍ୟାନ କରି ଆକବରଙ୍କ୍ ଆଗରେ ସେମାନଙ୍କ୍ ବୀରତ୍ୱ ବିଷୟରେ ବଖାଣିଥିଲେ ଯାହା ଫଳରେ ତାଙ୍କ୍ ବୀରତ୍ୱରେ ମଧ୍ୟ ବିଶ୍ୱାସ କରିଯାଇଥିଲେ ବାଦଶହ ଆକବର୍।

# 'କକ୍ରୋଚ ଜନତା ପାର୍ଟି'



**କାଳୀ ଦାସ**

କକ୍ରୋଚ ଜନତା ପାର୍ଟି ର ଲୋକପ୍ରିୟତା ଏବଂ ସଦସ୍ୟ ସଂଖ୍ୟା ଦିନ କୁ ଦିନ ତୀବ୍ର ଗତିରେ ବଢିଚାଲିଛି।ଆମର ତଥା କଥିତ ମିଡିଆ ରେ କକ୍ରୋଚ ଜନତା ପାର୍ଟି ବିଷୟ ରେ ଅନେକ କିଛି କୁହାଯାଉନାହିଁ କିନ୍ତୁ ସୋସିଏଲ ମିଡିଆ ରେ କୋକ୍ରୋଚ ଜନତା ଦଳ ବିଷୟ ରେ ଅହରହ ଆଲୋଚନ ହେଉଛି।ଏହା ର ଗଠନ ପଛରେ ଦେଶ ର ସୁପ୍ରିମ କୋର୍ଟ ର ମୁଖ୍ୟ ବିଚାରପତିଙ୍କ ଗୋଟିଏ ବକ୍ତବ୍ୟ ରହିଛି।ସୁପ୍ରିମକୋର୍ଟ ର ମୁଖ୍ୟ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ ଯେ କିଛି ବେକାର ଯୁବକ ଯୁବତୀ କକ୍ରୋଚ୍ ପରି ଆର୍ଟିଆଇ କାର୍ଯ୍ୟକର୍ତ୍ତା ହୋଇ କିମ୍ବା ସୋସିଏଲ ମିଡିଆ ର କାର୍ଯ୍ୟକର୍ତ୍ତା ହୋଇ ଦେଶ ର ସିଷ୍ଟମ ଉପରେ ଆକ୍ରମଣ କରୁଛନ୍ତି। ଚିଫ ଜଷ୍ଟିସଙ୍କ ଏହି ଟିପ୍ପଣୀ କୁ ଆଧାର କରି ଜନ୍ମ ନେଇଛି କୋକ୍ରୋଜ୍ ଜନତା ଦଳ।ଏହି ଦଳ ର ଜନ୍ମ ପଛରେ ଆମ ଦେଶ ର ଯୁବକଙ୍କ ଅବଶୋଷ ଏବଂ କ୍ଷୋଭ ନିଶ୍ଚୟ ଦର୍ଶାଉଛି। ପରବର୍ତ୍ତୀ କାଳ ରେ ଚିଫ ଜଷ୍ଟିସ ନିଜର ମନ୍ତବ୍ୟ କୁ ଭୁଲଭାବରେ ମିଡିଆ ଦ୍ୱାରା ଉଦ୍ଧାର କରାଯାଇଛି ବୋଲି ମଧ୍ୟ କହିଛନ୍ତି। ଆମ ଦେଶରେ ବେରୋଜଗାରୀ ସବୁଠାରୁ ଚରମ ଅବସ୍ଥାରେ କହିଲେ ଭୁଲ ହେବନି।ଯେଉଁ ଦେଶ ରେ ଯୁବକ ଶିକ୍ଷା ସମାପ୍ତ କରି ଘରେ ବସିଯାଏ ସେ ଦେଶ ର ଉନ୍ନତି ସମ୍ଭବ କିପରି ହେବ। ଯୁବକ ଅବସ୍ଥା ରୋଜଗାର କରିବା ସହିତ ଦେଶ ଓ ସମାଜ ଗଠନ ପାଇଁ ଅବଦାନ ଦେବା କଥା। ଶିକ୍ଷିତ ଯୁବକ ଯଦି ପରଭକ୍ଷୀ ବା ପାରାଜାଇଟ ପରି ଅନ୍ୟ ଉପରେ ନିର୍ଭରଶୀଳ ହୋଇଗଲେ ତା ହେଲେ ସେ ଦେଶ ବା ସମାଜ ଆଗକୁ ବଢ଼ିବ କିପରି। ଶିକ୍ଷା ପ୍ରାପ୍ତ କଲାପରେ କାହିଁକି ଜଣେ ଯୁବକ ବା ଯୁବତୀ ରୋଜଗାର କ୍ଷମ ହୋଇପାରୁନାହାନ୍ତି ?ଆମ ଶିକ୍ଷା ପଦ୍ଧତି କୁ ପରିବର୍ତ୍ତନ କରି ଏମିତି ଶିକ୍ଷା ର ପ୍ରଚଳନ କରାଯିବା କଥାଯାହାଦ୍ୱାରା ଦେଶର ବେକାରୀ ସମସ୍ୟା ରହିବନାହିଁ। ସ୍ୱାମୀ ବିବେକାନନ୍ଦ କହିଥିଲେ ଯେ ବ୍ରିଟିଶ ସରକାର ଭାରତରେ ଶିକ୍ଷା ଏପରି ଭାବରେ ପ୍ଲାନ୍ କରିଛି ଯାହାଦ୍ୱାରା ଭାରତୀୟ ଶିକ୍ଷିତ ଯୁବକମାନେ ବ୍ରିଟିଶ ସରକାର ଙ୍କ କାଗଜପତ୍ର ର କାମ ବା କ୍ଲରିକେଲ କାମ ସ୍ୱଳ୍ପ ଦରମା ନେଇ କରିବେ କିନ୍ତୁ ବର୍ତ୍ତମାନ ର ସରକାର ତ ଆମ ନିଜର ସରକାର । ଭାରତର ଯୁବ ପିଢ଼ି ଭାରତର ଆଗାମୀ ପିଢ଼ି କିପରି ଆଗକୁ ବଢ଼ିବେ ସେଥିପ୍ରତି ସରକାର ଚେଷ୍ଟାଶିଳ ହେବାକଥା।

ଆଜି ଭାରତ ରେ ଆଇନ ଶୃଙ୍ଖଳା ଜରାଜୀର୍ଣ୍ଣ, ବିଗତ କିଛି ଦିନ ତଳେ ନିଟ ପେପର ର ଲିକ୍ ମାମଲା ସାମ୍ନା କୁ ଆସିଥିଲା । ଦେଶ ର ତେଇଶ ଲକ୍ଷ ଛାତ୍ରଛାତ୍ରୀ ଏହି ପରୀକ୍ଷା ପାଇଁ ଫର୍ମ ଭରିଥିଲେ କିନ୍ତୁ ପରୀକ୍ଷା ପେପର ଲିକ୍ ହେବାର ଖବର ପରେ ଏହି ପରୀକ୍ଷା କୁ ରଦ୍ଦ କରାଗଲା। ଦେଶ ର ଏନଟିଏ ବା ପରୀକ୍ଷା ଟେଷ୍ଟିଙ୍ଗ ଏଜେନସି ଏହି ପରୀକ୍ଷା ର ଦାୟୀତ୍ୱ ନେଇଥିଲେ ।ଏହି ପରୀକ୍ଷା ରଦ୍ଦ ହେଲାପରେ ଏନଟିଏ ଯୋଗ୍ୟତା ଓ ବିଶ୍ୱାସନୀୟତା ଉପରେ ପ୍ରଶ୍ନ ଚିହ୍ନ ଲାଗିଯାଇଛି। ନିଟ ପରୀକ୍ଷା ରଦ୍ଦ ହେବାପରେ ଏଥିପାଇଁ ପ୍ରସ୍ତୁତ କରିଥିବା ଛାତ୍ରଛାତ୍ରୀ ମାନେ ନିଶ୍ଚିତ ଭାବରେ ବିଶେଷ ଆଘାତ ପାଇଛନ୍ତି । କୁହାଯାଉଛି ଯେ ଏହି ଆଘାତ କୁ ସହି ନ ପାରି ବାର ଜଣ ଛାତ୍ରଛାତ୍ରୀ ଆତ୍ମ ହତ୍ୟା କରିଛନ୍ତି । ସିବିଏସି ପରୀକ୍ଷା ର ଫଳ ରେ ମଧ ବ୍ୟତିକ୍ରମ ଦେଖାଯାଇଛି। ସିବିଏସି ର ରିଭେଲ୍ୟୁଏସନ୍ ପୋର୍ଟାଲ ରେ ସିବିଏସି ଉତ୍ତର ଖାତା ର ରିଭେଲ୍ୟୁଏସନ୍ କଲା ବେଳେ ଅନେକ ତ୍ରୁଟି ବିଚ୍ୟୁତି ଆଖି ରେ ପଡୁଛି। ଖାତା ଉପରେ ଥିବା ରୋଲ୍ ନମ୍ବର ସହିତ ଖାତା ଭିତରେ ଥିବା ଲେଖା ମିସୁନି।ଜଣକ ରୋଲ୍ ନମ୍ବର ରେ ଅନ୍ୟ ଜଣଙ୍କର ଆନସାରସିଟ ମିଳୁଛି। ବର୍ତ୍ତମାନ ଦେଶ ର ଯୁବ ଶକ୍ତି ଦେଶ ରେ ଚାଲିଥିବା ଅସଜଡା କାର୍ଯ୍ୟ ଭିତରେ ନିଜର ଅନିଶ୍ଚିତ ଭବିଷ୍ୟତ କୁ ନେଇ ବିଚଳିତ ଓ ବିବ୍ରତ। ଏହି ଅନିଶ୍ଚିତତା ଭିତରେ କିକ୍ରୋଜ ଜନତା ଦଳ ସେମାନଙ୍କ ପାଇଁ ନୂଆ ଆଶା ହୋଇ ଆସିଛି। କିନ୍ତୁ ଏହି ଜନ ଆନ୍ଦୋଳନ କୁ ମଧ୍ୟ ଦମନ କରିବା ପାଇଁ କ୍ଷମତାଶିଳ ବ୍ୟକ୍ତିମାନେ ଲାଗିଛନ୍ତି । ନିଜର ଭୁଲ୍ କୁ ଠିକ କରିବା ପାଇଁ ଯଦି କ୍ଷମତାଶିଳ ବ୍ୟକ୍ତି ମାନେ ତତ୍ପର ହୁଅନ୍ତେ ତାହେଲେ ତାହା ସମଗ୍ର ଦେଶ ଓ ସାଧାରଣ ଜନତାଙ୍କ ପାଇଁ ନିଶ୍ଚିତ ଭାବ ରେ ଉପକାର ହୁଅନ୍ତା। ଯୁବ ସମାଜ ଦେଖୁଛନ୍ତି ଦେଶ ର କଳଙ୍କିତ ରାଜନୀତି କୁ ଗୋଟିଏ ଦଳର ଆଦର୍ଶ କୁ ନିଜର ଆଦର୍ଶ ବୋଲି ସ୍ୱୀକାର କରିଥିବା ରାଜନେତା କେମିତି ରାତା ରାତି ନିଜ ବିରୋଧୀ ଶିବିର ଭିତରେ ପଶି ଯାଉଛି ତାହା ଦେଶ ର ନାଗରିକଙ୍କୁ ଚକିତ କରୁଛି ।ଅନ୍ୟ ରାଜନୈତିକ ଦଳ କୁ ବର୍ଷ ବର୍ଷ ଧରି ସମାଲୋଚନା କରୁ ଥିବା ମଣିଷ ଟି କେମିତି ସେହି ଦଳ ଭିତରେ ପଶି ଯାଇ ନିଜକୁ ଧନ୍ୟ ମନେ କରୁଛି ତାହା ବିଚାର ଯୋଗ୍ୟ ।ଜନତାଙ୍କୁ ଧୋକା ଦେଇ ଜନତାଙ୍କ ଭୋଟ ରେ ଆଡ଼ମ୍ବର ଜୀବନ ଯାପନ ଆଜିର ନେତାଙ୍କ କର୍ମ ପନ୍ଥା ହୋଇଗଲାଣି ।ଏହିପରି ଏକ ପରିସ୍ଥିତି ରେ ଯୁବ ପିଢ଼ିଙ୍କ ଭବିଷ୍ୟତ କିପରି ସୁରକ୍ଷିତ ରହିବ ଦେଶ ର ରାଜନେତା ପଇସା ଓ କ୍ଷମତା ପଛରେ ଦୋଡ଼ିବା ର ଦୃଶ୍ୟ ନିଶ୍ଚିତ ଭାବରେ ଦୃଷ୍ଟି କଟୁ ।ଯୁବ ପିଢ଼ିଙ୍କୁ ଆଦର୍ଶ ବିଷୟ ରେ କେଉଁଠୁ ପ୍ରେରଣା ମିଳିବ ?




ବ୍ରହ୍ମପୁର
ଖୋଡାସିଂଗି କଳିଙ୍ଗନଗର
ଗଞ୍ଜାମ
ପିନ -୭୬୦୦୧୦
୭୨୦୫୧୦୦୮୩୯

# ଶିକ୍ଷା:ଭାରତୀୟ ମୁସଲିମ ସମ୍ପ୍ରଦାୟର ଉନ୍ନତିର ମୂଳ ଆଧାର



**କିଶୋର ରଥ**

୧୮୭୫ ମସିହାରେ ଆଲିଗଡ଼ରେ ସାର୍ ସୟଦ ଅହମ୍ମଦ ଖାନଙ୍କ ଦ୍ୱାରା ମହମ୍ମଦାନ୍ ଆଙ୍ଗେ ।-ଓରିଏଣ୍ଟାଲ୍ କଲେଜ୍ ପ୍ରତିଷ୍ଠା ହେବାର ଦେଢ଼ ଶତାବ୍ଦୀରୁ ଅଧିକ ସମୟ ବିତିଯାଇଥିଲେ ମଧ ତାଙ୍କର ମୂଳ ବାର୍ତ୍ତା ଆଜି ମଧ ଭାରତର ମୁସଲିମ୍ ସମ୍ପ୍ରଦାୟ ମଧ୍ୟରେ ସମାନ ଭାବରେ ପ୍ରାସଙ୍ଗିକ ରହିଛି ଓ ସମ୍ପ୍ରଦାୟର ପ୍ରତିନିଧିତ୍ୱ କରୁଛି । ଏକ ଗୌରବମୟ ଅତୀତ ଓ ଆଶାଭରା ଭବିଷ୍ୟତ ମଧ୍ୟରେ ସଂଯୋଗ ସ୍ଥାପନା କରିବାରେ ଶିକ୍ଷା ସଦା ସର୍ବାଧିକ ପ୍ରଭାବଶାଳୀ ଓ ବିଶ୍ୱସନୀୟ ସେତୁ ଭାବେ କାର୍ଯ୍ୟ କରିଆସିଛି । ଆଜି ଯେତେବେଳେ ଏହି ସମ୍ପ୍ରଦାୟ ଦ୍ରୁତ ଗତିରେ ପରିବର୍ତ୍ତନଶୀଳ ଭାରତର ନୂତନ ଆବଶ୍ୟକତା ଓ ଆହ୍ୱାନଗୁଡ଼ିକର ସମ୍ମୁଖୀନ ହେଉଛି ସେତେବେଳେ ଗୁଣାତ୍ମକ ଶିକ୍ଷା, ଆଧୁନିକ ଦକ୍ଷତା ଏବଂ ସାମ୍ବିଧାନିକ ସଚେତନତାର ଉପଲବ୍ଧତା ସମ୍ପ୍ରଦାୟର ସଶକ୍ତିକରଣ, ଆର୍ଥିକ ଉନ୍ନତି ଏବଂ ଦେଶର ବହୁତ୍ୱବାଦୀ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସକ୍ରିୟ ଓ ଅର୍ଥପୂର୍ଣ୍ଣ ଅଂଶଗ୍ରହଣର ମୂଳ ଆଧାର ପାଲଟିଛି । ସାମ୍ପ୍ରତିକ ସରକାରୀ ତଥ୍ୟ ପ୍ରଗତି ଏବଂ ସ୍ଥାୟୀ ବ୍ୟବଧାନ ଉଭୟକୁ ପ୍ରତିଫଳିତ କରେ । ପିରିଓଡ଼ିକ ଲେବର୍ ଫୋର୍ସ୍ ସର୍ଭେ (୨୦୨୩-୨୪) ଅନୁଯାୟୀ ମୁସଲମାନଙ୍କ ମଧ୍ୟରେ (୭ ବର୍ଷ ଓ ତଦୁର୍ଦ୍ଧ ବୟସ) ସାକ୍ଷରତା ହାର ୭୯.୫ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା ଜାତୀୟ ହାର ୮୦.୯ ପ୍ରତିଶତର ନିକଟତର । ତଥାପି ଜାତୀୟ ନମୁନା ସର୍ଭେ (୭୫ତମ ପର୍ଯ୍ୟାୟ) ଦର୍ଶାଉଛି ଯେ ସ୍କୁଲ ଶିକ୍ଷାର ପ୍ରତ୍ୟେକ ସ୍ତରରେ ଧାର୍ମିକ ଗୋଷ୍ଠୀ ମଧ୍ୟରେ ମୁସଲମାନ ଛାତ୍ରଙ୍କ ପାଇଁ ମୋଟ ଉପସ୍ଥାନ ଅନୁପାତ ସବୁଠାରୁ କମ୍ ରହିଛି । ଡ୍ରପ୍ ଆଉଟ୍ ଏକ ଚିନ୍ତାର ବିଷୟ ହୋଇରହିଛି, ବିଶେଷକରି ପ୍ରାଥମିକ ଶିକ୍ଷା ବ୍ୟତୀତ । ମଦ୍ରାସାଗୁଡ଼ିକ ଦୀର୍ଘ ସମୟ ଧରି ଅନୁନ୍ନତ ମୁସଲିମ୍ ଅଞ୍ଚଳର ପିଲାମାନଙ୍କ ପାଇଁ ଶିକ୍ଷା ଜୀବନରେଖା ଭାବରେ କାର୍ଯ୍ୟ କରିଆସୁଛନ୍ତି ଏବଂ ଧାର୍ମିକ ମୂଲ୍ୟବୋଧ ଉପରେ ମୂଳ ସୁଲଭ ଶିକ୍ଷା ପ୍ରଦାନ କରୁଛନ୍ତି । ଯଦିଓ ସେମାନଙ୍କର ପହଞ୍ଚ ପ୍ରଭାବଶାଳୀ, ପାରମ୍ପରିକ ପାଠ୍ୟକ୍ରମ ପ୍ରାୟତଃ ବିଜ୍ଞାନ, ଗଣିତ, ଇଂରାଜୀ ଏବଂ ଆଜିର ପ୍ରତିଯୋଗିତାମୂଳକ ଦୃଶ୍ୟପଟ ପାଇଁ ଅତ୍ୟାବଶ୍ୟକ ଡିଜିଟାଲ୍ ଦକ୍ଷତା ଖର୍ଚ୍ଚ କରି ଧାର୍ମିକ ଅଧ୍ୟୟନ ଉପରେ ଗୁରୁତ୍ୱ ଦେଇଆସିଛି । ଏ ସମ୍ବନ୍ଧରେ ନିକଟ ଅତୀତରେ କିଛି ଉତ୍ସାହଜନକ ପରିବର୍ତ୍ତନ ଦୃଶ୍ୟମାନ ହୋଇଛି । ଅକ୍ଟୋବର ୨୦୨୩ରେ ଉତ୍ତର ପ୍ରଦେଶ ସରକାର ଘୋଷଣା କରିଥିଲେ ଯେ ଜାନୁଆରୀ ୨୦୨୪ରୁ ମଦ୍ରାସା ପାଠ୍ୟକ୍ରମରେ ଡିଜିଟାଲ୍ ସାକ୍ଷରତା, କୋଡିଂ ଏବଂ କୃତ୍ରିମ ବୁଦ୍ଧିମତା ସମ୍ବନ୍ଧୀୟ ମଡ୍ୟୁଲ୍ ସାମିଲ କାରାଯିବ । ଏହା ସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ କମ୍ପ୍ୟୁଟର ଓ ଅଧ୍ୟୟନ କିଟ୍ ମଧ୍ୟବଣ୍ଟନ କରାଯିବ । ଅନ୍ୟପକ୍ଷରେ କେରଳମରେ ମଦ୍ରାସା ପୃଷ୍ଠଭୂମିରୁ ଆସିଥିବା ଅନେକ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ କୋଡିଂ ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ସେହିପରି ମୁସଲିମ୍ ଝିଅମାନଙ୍କ ପାଇଁ ଦ୍ୱିଭାଷୀ କୋଡିଂ କ୍ଲବ ଭଳି ସମ୍ପ୍ରଦାୟ ଚାଳିତ ପଦକ୍ଷେପଗୁଡ଼ିକ ମଧ୍ୟ ଶିକ୍ଷା ଓ ପ୍ରଯୁକ୍ତିଗତ ଦକ୍ଷତା ବିକାଶ କ୍ଷେତ୍ରରେ ସକାରାତ୍ମକ ପ୍ରଭାବ ସୃଷ୍ଟି କରୁଛି । ଏହାଛଡ଼ା ଜମିଆତ ଉଲେମା-ଏ-ହିନ୍ଦ୍ ସମେତ ଅନେକ ପ୍ରମୁଖ ମୁସଲିମ ସଂଗଠନ ଧାର୍ମିକ ଶିକ୍ଷା ସହିତ ଆଧୁନିକ ବିଷୟଗୁଡ଼ିକର ସମନ୍ୱୟ ପାଇଁ ସକ୍ରୀୟ ଭାବେ ସମର୍ଥନ ଓ ପ୍ରଚେଷ୍ଟା ଜାରି ରଖୁଛନ୍ତି । ଏପରି ଆଭ୍ୟନ୍ତରୀଣ ପଦକ୍ଷେପଗୁଡ଼ିକର ବିଶେଷ ମହତ୍ୱ ରହିଛି, କାରଣ ସମ୍ପ୍ରଦାୟର ପରିଚୟ ଓ ସାଂସ୍କୃତିକ ଐତିହ୍ୟ ସହ ଗଭୀର ଭାବେ ସଂଯୁକ୍ତ ଶିକ୍ଷାନୁଷ୍ଠାନମାନଙ୍କରେ ଦୀର୍ଘସ୍ଥାୟୀ ଓ ଗ୍ରହଣଯୋଗ୍ୟ ସଂସ୍କାର ବାହ୍ୟ ଚାପରେ ନୁହେଁ, ବରଂ ସମ୍ପ୍ରଦାୟ ଭିତରୁ ଉତ୍ପନ୍ନ ହୋଇ କାର୍ଯ୍ୟକାରୀ ହେଲେ ଅଧିକ ସଫଳ ହୋଇଥାଏ । ସରକାରୀ ନୀତି ଓ କାର୍ଯ୍ୟକ୍ରମଗୁଡ଼ିକ ମଧ ଏହି ପରିବର୍ତ୍ତନକୁ ସମର୍ଥନ କରୁଛି । ଶିକ୍ଷା ମନ୍ତ୍ରଣାଳୟର SPQEM ଯୋଜନା ମାଦ୍ରାସାଗୁଡ଼ିକରେ ବିଜ୍ଞାନ, ଗଣିତ, ଇଂରାଜୀ ପରି ଆଧୁନିକ ବିଷୟର ଶିକ୍ଷା, ଶିକ୍ଷକ ତାଲିମ ଓ ଭିତ୍ତିଭୂମି ଉନ୍ନତିକୁ ପ୍ରୋତ୍ସାହନ ଦେଇଛି । ସେହିପରି IDMI ଯୋଜନା ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନର ମୌଳିକ ସୁବିଧା ବିକାଶରେ ସହାୟତା କରୁଛି । ଏହା ସହିତ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟର ଛାତ୍ରବୃତ୍ତି ଯୋଜନାଗୁଡ଼ିକ ମୁସଲିମ୍ ଛାତ୍ରଛାତ୍ରୀ ମାନଙ୍କୁ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା ଯୋଗାଇ ସମାନ ସୁଯୋଗ ଓ ଦୀର୍ଘମିଆଦୀ ସଶକ୍ତିକରଣକୁ ବୃଦ୍ଧି କରୁଛନ୍ତି । ଏହି ଯୋଜନାଗୁଡ଼ିକ ଅଧୀନରେ ୯ମ ଓ ୧୦ମ ଶ୍ରେଣୀ ପାଇଁ ପ୍ରାକ୍-ମାଟ୍ରିକ, ଏକାଦଶ ଶ୍ରେଣୀରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ପୋଷ୍ଟ- ମାଟ୍ରିକ ଏବଂ ବୃତ୍ତିଗତ ଓ ବୈଷୟିକ ପାଠ୍ୟକ୍ରମ ପାଇଁ ମେରିଟ-କମ୍-ମିନ୍ସ ଛାତ୍ରବୃତ୍ତି ପ୍ରଦାନ କରାଯାଏ । ଏହି ସୁବିଧାଗୁଡ଼ିକର ବ୍ୟାପକ ପହଞ୍ଚ ସୁନିଶ୍ଚିତ କରିବାରେ ସମ୍ପ୍ରଦାୟ ନେତା ଓ ସ୍ଥାନୀୟ ସଂଗଠନଗୁଡ଼ିକ ସଚେତନତା ସୃଷ୍ଟି ଏବଂ ଆବେଦନ ପ୍ରକ୍ରିୟାରେ ସହାୟତା କରି ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିବେ ।

ଶିକ୍ଷାର ଲକ୍ଷ୍ୟ ହେଉଛି ସାକ୍ଷରତା ଓ ଦକ୍ଷତା ବିକାଶ ସହିତ ସଚେତନ ଓ ଦାୟିତ୍ୱବାନ ନାଗରିକ ଗଢ଼ି ତୋଳିବା । ଏହି କ୍ଷେତ୍ରରେ ଶିକ୍ଷକମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଧାର୍ମିକ ଶିକ୍ଷା ସହିତ ଭାରତୀୟ ସମ୍ବିଧାନର ମୂଲ୍ୟବୋଧ- ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱ ସମ୍ପର୍କରେ ଜ୍ଞାନ ପ୍ରଦାନ କରି ସେମାନେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନାଗରିକ ସଚେତନତା ବିକଶିତ କରିପାରିବେ । ସେହିପରି ଡିଜିଟାଲ୍ ଯୁଗରେ ଭୁଲ ସୁଚନାର ମୁକାବିଲା ପାଇଁ ସମାଲୋଚନାମୂଳକ ଚିନ୍ତାଧାରା ଓ ଗଣମାଧ୍ୟମ ସାକ୍ଷରତା ଅତ୍ୟାବଶ୍ୟକ । ଧାର୍ମିକ ଶିକ୍ଷା, ଆଧୁନିକ ଜ୍ଞାନ ଓ ସାମ୍ବିଧାନିକ ମୂଲ୍ୟବୋଧର ସମନ୍ୱୟ କରୁଥିବା ଶିକ୍ଷାନୁଷ୍ଠାନଗୁଡ଼ିକ ଆତ୍ମବିଶ୍ୱାସୀ, ଦକ୍ଷ ଏବଂ ରାଷ୍ଟ୍ର ନିର୍ମାଣ ପ୍ରତି ପ୍ରତିବଦ୍ଧ ନାଗରିକ ସୃଷ୍ଟି କରିବାରେ ସହାୟକ ହୁଅନ୍ତି । ଭାରତର ମୁସଲିମ ସମ୍ପ୍ରଦାୟର ଶିକ୍ଷାଗତ ଉନ୍ନତି ଏକ ସାମୂହିକ ଦାୟିତ୍ୱ । ପିତାମାତାଙ୍କୁ ପୁଅ ଓ ଝିଅ ଉଭୟଙ୍କ ଶିକ୍ଷା ଏବଂ ଦକ୍ଷତା ବିକାଶକୁ ସମାନ ଗୁରୁତ୍ୱ ଦେବାକୁ ହେବ। ମଦ୍ରାସା ପ୍ରଶାସନ, ଉଲେମା, ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ସମ୍ପ୍ରଦାୟ ସଂଗଠନମାନଙ୍କୁ ମଧ୍ୟ ଆଧୁନିକ ଶିକ୍ଷା, ସଚେତନତା ଓ ଉପଲବ୍ଧ ସୁଯୋଗଗୁଡ଼ିକର ସର୍ବୋତ୍ତମ ବ୍ୟବହାର ଦିଗରେ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ହେବ। ସାର୍ ସୟଦ ଅହମ୍ମଦ ଖାନଙ୍କ ଦୃଷ୍ଟିଭଙ୍ଗୀ ଆଜି ମଧ ସମାନ ଭାବେ ପ୍ରାସଙ୍ଗିକ । ଶିକ୍ଷାରେ ବିନିଯୋଗ କେବଳ ବ୍ୟକ୍ତି କିମ୍ବା ସମ୍ପ୍ରଦାୟର ଉନ୍ନତି ନୁହେଁ, ବରଂ ଏକ ଶକ୍ତିଶାଳୀ, ଅନ୍ତର୍ଭୁକ୍ତିମୂଳକ ଏବଂ ପ୍ରଗତିଶୀଳ ଭାରତ ଗଠନର ଭିତ୍ତି । ନ୍ୟାୟ, ସ୍ୱାଧୀନତା ଓ ସମାନତାର ସାମ୍ବିଧାନିକ ଆଦର୍ଶକୁ ବାସ୍ତବ ରୂପ ଦେବାରେ ଶିକ୍ଷା ହିଁ ସବୁଠାରୁ ଶକ୍ତିଶାଳୀ ମାଧ୍ୟମ ଯାହା ମୁସଲମାନମାନଙ୍କୁ ଦେଶର ଗର୍ବିତ ଓ ସକ୍ରିୟ ନାଗରିକ ଭାବେ ସଶକ୍ତ କରିଥାଏ ।

ଚକେଇସିହାଣୀ
୯୮୬୧୦୨୮୩୫୫

# ଶୋଭନୀୟ ଚେତନାରେ ପୂଜ୍ୟ ଶ୍ରୀ କୁମାର ଭାଇ

ପୃଥିବୀରେ ଅନେକ ଆନ୍ଦୋଳନର ଭିତ୍ତି ପଡ଼ିଛି ମାନବ ଜୀବନକୁ ଶୁଦ୍ଧପୂତ କରିବା ପାଇଁ ଓ ଆଦର୍ଶ ଓ ଶାନ୍ତିମୟ କରି ଗଢ଼ିତୋଳିବା ପାଇଁ । ବହୁ ମହାତ୍ମା, ମନିଷୀ, ସନ୍ଥ, ସାଧକ, ମହାପୁରୁଷ ଓ ପ୍ରବର୍ତ୍ତକଙ୍କର ତମାମ ଜୀବନ ଉତ୍ସର୍ଗୀକୃତ ହୋଇଛି ତଥାକଥିତ ପଙ୍କିଳ ଓ ବିଶୃଙ୍ଖଳିତ ମାନବ ସମାଜକୁ ବିଭିନ୍ନ ମାର୍ଗଦ୍ୱାରା ଶୃଙ୍ଖଳିତ କରିବାର ପ୍ରଚେଷ୍ଟାରେ । ଆଦିମ କାଳରୁ ମାନବ ଖୋଜିଆସିଛି ବାସ୍ତବ ଶାନ୍ତି, ଆନନ୍ଦ, ଶୁଦ୍ଧ ସ୍ନେହ, ମମତା ଓ ପବିତ୍ର ଭଲପାଇବା । କିନ୍ତୁ ଦୁଃଖ ଓ କ୍ଷୋଭର କଥା କେତେକ ତ୍ରୁଟି ଓ ଅବ୍ୟବସ୍ଥା ଯୋଗୁଁ ଆଜିର ସୂଚନାପ୍ରଯୁକ୍ତିର ମଣିଷ ଶାନ୍ତି ନାମରେ ଭ୍ରାନ୍ତି, ସ୍ୱାଧୀନତା ନାମରେ ସ୍ୱେଚ୍ଛାଚାରିତା ଓ ଉଚ୍ଛୃଂଖଳତା, ସ୍ନେହନାମରେ ସଂକୀର୍ଣ୍ଣ ସ୍ୱାର୍ଥ ଓ ଛଳନା ଓ ସୁଖ ନାମରେ କ୍ଷଣିକ ଉନ୍ମାଦନା ଲାଭ କରିଛି । ସବୁ କ୍ଷେତ୍ରରେ ଦେଖନ୍ତୁ ଆଜି ଧର୍ମଠାରୁ ଆରମ୍ଭ କରି ରଜାନୀତି, ଶିକ୍ଷା, ବ୍ୟବସାୟ, ସମାଜସେବା, ପାରିବାରିକ ଜୀବନ ସବୁକ୍ଷେତ୍ରରେ ଅଶୋଭନୀୟତା ଭରିଗଲାଣି । ସମାଜର ଏହି ନାନା ସମସ୍ୟାକୁ ଗଭୀରଭାବେ ଅନ୍ତର୍ଦୃଷ୍ଟି ସହ ପର୍ଯ୍ୟବେକ୍ଷଣ କଲେ ଜଣାଯାଏ ଯେ ମାନବିକ ଚେତନା ଓ ନୈତିକ ଶକ୍ତିର ଅଭାବ ହିଁ ଏ ସମସ୍ତ ସମସ୍ୟାର ମୂଳ କାରଣ । ତେଣୁ ମାନବିକ ଚେତନା ଓ ନୈତିକ ଶକ୍ତିର ବିକାଶ ବିନା ପୃଥିବୀର କୌଣସି ସମସ୍ୟାର ସମାଧାନ ସମ୍ଭବ ନୁହେଁ । ତଥାକଥିତ ସମାଜର ଚତୁର୍ଦ୍ଦିଗର ଅଶୋଭନୀୟତାର ରାକ୍ଷସ ଅନୀତି ଦୁର୍ନୀତି ବିଶ୍ୱାସଘାତକତା, ହିଂସା ପ୍ରତିହିଂସା ଓ କ୍ଷମତା ଲିପ୍ସୁର ମୁଣ୍ଡ ଟେକିଥିଲାବେଳେ ଏହାକୁ ପ୍ରତିହତ କରି ଏକ ଦିବ୍ୟ ସମାଜର ସ୍ୱପ୍ନ ଦେଖିଥିଲେ ଯେଉଁ ଯୁଗ ପୁରୁଷ ସେ ଥିଲେ ପୂଜ୍ୟ ଶ୍ରୀ କୁମାର ଭାଇ । ମାତ୍ର ୯ମାସ ବୟସରେ ସର୍ପାଘାତରେ ମାତୃବିୟୋଗ ପରେ ପୂଜ୍ୟ ଶ୍ରୀ ଭାଇଙ୍କର ଦାୟିତ୍ୱ ନେଇଥିଲେ ଓଡ଼ିଶାରେ ନାରୀଶିକ୍ଷାର ପ୍ରବର୍ତ୍ତିକା ଶ୍ରୀମତୀ ରେବା ଦେବୀ । କଟକ ଓ ଭୁବନେଶ୍ୱର ସେଣ୍ଟଜୋସେଫ୍ କନ୍‌ଭେଣ୍ଟରେ ଅଧ୍ୟୟନ କରୁଥିବା ସମୟରେ ମାତ୍ର ୧୩ ବର୍ଷ ବୟସରେ ନିମନ୍ତ୍ରଣ ପାଇ କଳାର ଆକର୍ଷଣରେ ସେ ବମ୍ବେ ଯାଇଥିଲେ । ସେଠାରେ ଏକ ଅର୍ଦ୍ଧନଗ୍ନ ନୃତ୍ୟ ପରିବେଷଣକୁ ମିଠାବିଷ ମନ୍ତବ୍ୟ ଦେଇଥିବାରୁ ମଞ୍ଚ ଉପରୁ ଟେକାମାଡ଼ ଖାଇ ସେ ରକ୍ତାକ୍ତ ହୋଇଥିଲେ ମଧ ସେହି ନୃତ୍ୟାଙ୍ଗନା ଭଉଣୀ ବିମଳା କିନ୍ତୁ ଶପଥ ନେଇଥିଲେ ନିଜ ଜୀବନକୁ ପରିବର୍ତ୍ତନ କରିବା ପାଇଁ । ପରବର୍ତ୍ତୀ ସମୟରେ ଏହି କିଶୋର ଜଣକ ନିଜ ରାଜ୍ୟ, ସମାଜ ଓ ରାଷ୍ଟ୍ରରେ ପରିବର୍ତ୍ତନର ଜାଗରଣ ନେଇ ଫେରିଥିଲେ ନିଜ ଓଡ଼ିଶା ମାଟିକୁ । ସମାଜର ସୁପରିବର୍ତ୍ତନ ପାଇଁ ଜନସାଧାରଣଙ୍କର ମନ, ରୁଚି, ବିଚାରଧାରା ଓ ବିଶ୍ୱାସରେ ଯୁଗପଥ ପରିବର୍ତ୍ତନ ପାଇଁ ସେ ପ୍ରଚେଷ୍ଟା ଆରମ୍ଭ କରିଥିଲେ । ସେ ବିଶ୍ୱାସ କରିଥିଲେ ମନ ବଦଳିଲେ ଯୁଗ ବଦଳିବ । ଏହି ପରିବର୍ତ୍ତନ ସମ୍ଭବ ହୋଇପାରିବ ଶିକ୍ଷା, ସାହିତ୍ୟ, ନାଟକ, ସଂଗୀତ, କଳା, ପତ୍ରପତ୍ରିକା, ସମ୍ବାଦପତ୍ର ଓ ରେଡ଼ିଓ, ଟେଲିଭିଜନ, ବିଭିନ୍ନ ଗଠନ ମୂଳକ ପ୍ରଚାର ଶୈଳୀ, ଧର୍ମସଭା ଓ ମାନବିକ ଚେଦନାଦାୟକ ଜାଗରଣକାରୀ ସଂସ୍ଥା ସାହାଯ୍ୟରେ । ସମାଜର ସୁରକ୍ଷା, ଶାନ୍ତି ଓ ମଙ୍ଗଳ ପ୍ରତିଷ୍ଠା ପାଇଁ ୧୯୬୨ ମସିହା ଅପ୍ରେଲ ଆଠ ତାରିଖରେ ଶ୍ରୀରାମଚନ୍ଦ୍ର ଭବନ ଠାରେ ତତ୍କାଳୀନ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଡଃ ପ୍ରାଣକୃଷ୍ଣ ପରିଜାଙ୍କ ପୌରୋହିତ୍ୟରେ ଅଶୋଭନୀୟତା ନିରୋଧ ଆନ୍ଦୋଳନ ଉଦ୍‌ଘାଟିତ ହୋଇଥିଲା । ଏହାର ଆୟୋଜକ ଥିଲେ ଦେଶସେବୀ ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁ । ସମଗ୍ର ମାନବ ସମାଜକୁ ଅଶୋଭନୀୟତା ଓ ହିଂସା ପ୍ରତିହିଂସା ଧ୍ୱଂସ ଆଡ଼କୁ ନେଇଯାଉଥିବା ସମୟରେ ଓଡ଼ଇଶାର ଏହି ତରୁଣ ପୂଜ୍ୟ ଶ୍ରୀ କୁମାର ଭାଇ ଅଶୋଭନୀୟତାର ବିରୋଧ ଓ ଶୋଭନୀୟତାର ବିକାଶ ପାଇଁ ଚେତନାର ଶଂଖ ଶୁଣାଇଥିଲେ । ପରବର୍ତ୍ତୀ ସମୟରେ ଦେଶ ବିଦେଶରୁ ଏହି ଆନ୍ଦୋଳନ ପ୍ରତି ବହୁ ସମର୍ଥନ ଓ ସଦିଚ୍ଛାର ସୁଅ ଛୁଟିଥିଲା । ଭାରତୀୟ ବିଦ୍ୟାଭବନର ପ୍ରତିଷ୍ଠାତା ଡଃ. କେ. ଏମ୍. ମୁନ୍‌ସି, ଭୂଦାନ ଯଜ୍ଞର ପୁରୋଧା ବିନୋବା, ଲାଲ୍ ବାହାଦୂର ଶାସ୍ତ୍ରୀ, ମୋରାରଜୀ ଦେଶାଇ, ଲଣ୍ଡନର ଜିଓ ପେଡ଼ାକ୍ସ, ଆଚାର୍ଯ୍ୟ ହରିହର, ଡଃ. ହରେକୃଷ୍ଣ ମହତାବ, ପଦ୍ମଶ୍ରୀ କାଳନ୍ଦୀ ଚରଣ ପାଣିଗ୍ରାହୀ, ମା' ରମାଦେବୀ ପ୍ରମୁଖ ସମର୍ଥନ ଜଣାଇଥିଲେ । ଶିକ୍ଷାକ୍ଷେତ୍ରରେ ମଙ୍ଗଳମୟ ସଂସ୍କାର ପାଇଁ ଗଢ଼ି ଉଠିଥିଲା ଯୁଗସ୍ରଷ୍ଟା ଶୋଭନୀୟ ଶିକ୍ଷାଶ୍ରମ ଓ ଆଦର୍ଶ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର । ତାଙ୍କର ମୁଖ୍ୟ ବାଣୀ ଥିଲା - କେହି ଭଲ ହେଉ ବା ନ ହେଉ ନିଜକୁ ମୁଁ ଭଲ କରିବି ହିଁ । ସମସ୍ତଙ୍କ ଭିତରେ ଭଲ ପାଇବାର ମହାମନ୍ତ୍ରକୁ ପ୍ରଚାର ଓ ପ୍ରସାର ପାଇଁ ଶୋଭନୀୟ ଚେତନାର ବାର୍ତ୍ତା ଘରେ ଘରେ ପହଞ୍ଚାଇବାର ଦାୟିତ୍ୱ କେବଳ ଶୋଭନୀୟ କର୍ମୀଙ୍କର ନୁହେଁ ବରଂ ଆମ ସମସ୍ତଙ୍କର । ସଂପ୍ରତି ମାନବୀୟ ମୂଲ୍ୟବୋଧ ସନ୍ଧିକ୍ଷଣରେ ପହଞ୍ଚିବା ବେଳେ ପୂଜ୍ୟ ଶ୍ରୀ କୁମାର ଭାଇଙ୍କ ଚିନ୍ତା ଓ ଚେତନା ସମସ୍ତଙ୍କ ପାଇଁ ପ୍ରାର୍ଥନା ହେଉ । ବର୍ତ୍ତମାନର ସମାଜରେ ପ୍ରଗତି ଓ ନୈତିକତାର ଉନ୍ମୀଳନ ପାଇଁ ସଚେତନ ନାଗରିକ ହିସାବରେ ଏ ଗୁରୁ ଦାୟିତ୍ୱ ଆମ୍ଭ ସମସ୍ତଙ୍କର ଏକ ଶୋଭନୀୟ ସମାଜ ପ୍ରତିଷ୍ଠା ପାଇଁ ମାନବିକତା ବିବର୍ଜିତ ଜୀବନ ନୁହେଁ, ସ୍ନେହ ଶାନ୍ତିଭରା ପରିବାର ଓ ଶୋଭନୀୟ ଯୁଗଟିଏ ହିଁ ଚାହୁଁ । ଏହାହିଁ ହେବ ପୂଜ୍ୟ ଶ୍ରୀ କୁମାର ଭାଇଙ୍କ ପ୍ରତି ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।



**ଡ଼ଃ.ଅରୁନ୍ଧତୀ ଦେବୀ**

ନିର୍ଦ୍ଦେଶିକା ଓ ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ :
୯୯୩୭୧୭୨୮୧୦

## ରୂପସା ଓ ବସ୍ତା ପୋଲିସକୁ ବଡ଼ ସଫଳତା

# ୬୮ କେଜି ଗଞ୍ଜେଇ ଜବତ ୪ ଗିରଫ ସହ କାର ଜବତ

**ବସ୍ତା,୨୯ ।୬ :** ରୂପସା ଓ ବସ୍ତା ପୋଲିସ ଗଞ୍ଜେଇ ଚାଲାଣ ଉପରେ କଡା ନଜର ରଖିଥିବା ବଡ଼ ସଫଳତା ମିଳିଛି । ଜାତୀୟ ରାଜପଥ ୧୬ଉପରେ ଚଢାଉ କରି ପୋଲିସ ୬୮ କେଜି ଗଞ୍ଜେଇ ଜବତ କରିବା ସହ ୪ ଜଣ ଚାଲାଣକାରୀଙ୍କୁ ଗିରଫ କରିଛି । ଏଥିସହ ଚାଲାଣରେ ବ୍ୟବହୃତ ଏକ କାର ମଧ ଜବତ କରାଯାଇଛି । ବାଲେଶ୍ୱରରୁ ଜଳେଶ୍ୱର ଆଡକୁ ଏକ ଧଳା ରଙ୍ଗର ହୋଣ୍ଡାସିଟି କାର ଯାହାର ନମ୍ବର ଓଡି୦୨ଏକ୍ସ ୫୧୦୩ ରେ ବିପୁଳ ପରିମାଣର ଗଞ୍ଜେଇ ଚାଲାଣ ହେଉଥିବା ନେଇ ବସ୍ତା ଥାନା ପୋଲିସ ନିକଟରେ ଗୁପ୍ତ ସୂଚନା ଥିଲା । ସେହି ଆଧାରରେ ଥାନା ଅଧିକାରୀ ରଞ୍ଜିତ ସାହୁଙ୍କ ନିର୍ଦ୍ଦେଶରେ ଏସଆଇ ସନ୍ଦୀପ ଖୁଜୁରଙ୍କ ନେତୃତ୍ୱରେ ବସ୍ତା ବାଇପାସ ନିକଟରେ ନାକାବନ୍ଦି



କରାଯାଇଥିଲା । ସନ୍ଦିଗ୍ଧ କାରକୁ ଅଟକାଇ ତଲାସି କରିବା ବେଳେ କାର ସିଟ ତଳେ ଓ ଡିକିରେ ଲୁଚାଇ ରଖାଯାଇଥିବା ୩ଟି ବସ୍ତାରୁ ମୋଟ ୬୮ କେଜି ଶୁଖିଲା ଗଞ୍ଜେଇ ଜବତ ହୋଇଥିଲା । ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ୬.୮ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି । ଏଥିସହ ଗଞ୍ଜେଇ ଚାଲାଣରେ ବ୍ୟବହୃତ କାର ସହ ୩ଟି ମୋବାଇଲ ମଧ ଜବତ କରାଯାଇଛି । ପୋଲିସ ଘଟଣାସ୍ଥଳରୁ କାରରେ ଥିବା ୪ ଜଣ ଯୁବକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ମୟୂରଭଞ୍ଜ ଜିଲ୍ଲା ବେତନଟି ଥାନା ମଣ୍ଡାପାଳ ଗ୍ରାମର ସୋମନାଥ ବେହେରା (୩୦), ଚନ୍ଦନ ବେହେରା(୨୫),ଦିଲ୍ଲୀପ କୁମାର ବେହେରା(୩୨),ସୁନୀଲ କୁମାର ବେହେରା(୨୫)। ଏହି ଚଢାଉରେ ମାଜିଷ୍ଟ୍ରେଟ ପିଜ୍ୟୁସକାନ୍ତ ପ୍ରଧାନ,ଏସଆଇ ବିଜୟ କୁମାର ବାରିକ, ଏଏସଆଇ ଉତ୍ତମ ସିଂ ଓ ବସ୍ତା ଥାନାର ବହୁ ଅଧିକାରୀ ଉପସ୍ଥିତ ଥିଲେ । ପ୍ରାଥମିକ ପଚରାଉଚରାରୁ ଜଣାପଡିଛି ଯେ ରୁପ୍ସା ଅଞ୍ଚଳରୁ ଗଞ୍ଜେଇ ଆଣି ଜଳେଶ୍ୱର ଅଞ୍ଚଳରେ ବିକ୍ରି କରାଯାଉଥିଲା । ଏହା ଏକ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣ ରାକେଟ ବୋଲି ସନ୍ଦେହ କରାଯାଉଛି । ଏହି ରାକେଟରେ ଆଉ କିଏ କିଏ ସମ୍ପୃକ୍ତ ଅଛନ୍ତି ତାହାର ତଦନ୍ତ କରାଯାଉଛି । ଆଗାମୀ ଦିନରେ ଆଉ କିଛି ଗିରଫଦାରୀ ହୋଇପାରେ । ବସ୍ତା ପୋଲିସର ଏହି ସଫଳତାକୁ ସ୍ଥାନୀୟ ଲୋକେ ସ୍ୱାଗତ କରିଛନ୍ତି ।

# ଜିଲ୍ଲାରେ ପୋଷଣ ଖାଦ୍ୟ ବଣ୍ଟନରେ ଅନିୟମିତତା

## ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ

**ବଲାଙ୍ଗୀର,୨୯ ।୬ :** ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ମାଧ୍ୟମରେ ଯୋଗାଇ ଦିଆଯାଉଥିବା ପୋଷଣ ଖାଦ୍ୟ ବଣ୍ଟନରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ଉଠିଛି । ଗର୍ଭବତୀ ମହିଳା, ପ୍ରସୂତି ମାଆ ଓ ଶିଶୁଙ୍କ ପାଇଁ ସରକାରଙ୍କ ପକ୍ଷରୁ ନିୟମିତ ଭାବେ ପୋଷଣ ଖାଦ୍ୟ ବଣ୍ଟନ କରାଯିବାର ବ୍ୟବସ୍ଥା ଥିଲେ ମଧ୍ୟ, ପ୍ରକୃତରେ ଅନେକ ସ୍ଥାନରେ ଏହା ଠିକ୍ ସମୟରେ ପହଞ୍ଚୁ ନଥିବା ଅଭିଯୋଗ କରିଛନ୍ତି ହିତାଧିକାରୀ । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ପ୍ରତିମାସରେ ବଣ୍ଟନ ହେବାକୁ ଥିବା ପୋଷଣ ଖାଦ୍ୟ ଦୁଇରୁ ତିନି ମାସରେ ଥରେ ବଣ୍ଟନ କରାଯାଉଛି । ଏହା ସହିତ ଅଣ୍ଡା ବଣ୍ଟନରେ ମଧ୍ୟ ବ୍ୟାପକ ଅସଙ୍ଗତି ଦେଖାଯାଉଥିବା ଅଭିଯୋଗ ହୋଇଛି । କେତେକ ହିତାଧିକାରୀଙ୍କୁ ମାତ୍ର ଆଠଟି ଅଣ୍ଡା ଦିଆଯାଉଥିବା ବେଳେ, ଅନ୍ୟ କେତେକଙ୍କୁ ଦଶରୁ ବାରଟି ଅଣ୍ଡା ଦିଆଯାଉଛି । ସମାନ ଯୋଜନାରେ ଥାଇ ମଧ୍ୟ ଏଭଳି ପାତରଅନ୍ତର




କାହିଁକି ହେଉଛି ବୋଲି ଲୋକେ ପ୍ରଶ୍ନ ଉଠାଇଛନ୍ତି । ହିତାଧିକାରୀମାନଙ୍କ କହିବା ଅନୁସାରେ, ନିୟମିତ ଭାବେ ପୋଷଣ ଖାଦ୍ୟ ନ ମିଳିବା ଯୋଗୁଁ ଗର୍ଭବତୀ ମହିଳା, ପ୍ରସୂତି ମାଆ ଏବଂ ଶିଶୁମାନଙ୍କ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ପଡୁଛି । ସରକାର ପୋଷଣ ଅଭାବ ଦୂର କରିବା ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ, ତୃଣମୂଳ ସ୍ତରରେ ଯଦି ଏଭଳି ଅନିୟମିତତା ଘଟୁଛି, ତେବେ ଯୋଜନାର ଉଦ୍ଦେଶ୍ୟ କେତେଦୂର ସଫଳ ହେଉଛି ତାହା ନେଇ ସନ୍ଦେହ ପ୍ରକାଶ ପାଉଛି ।

ଏ ସମ୍ପର୍କରେ ମୁରୀବାହାଲ ସିଡ଼ିପିଓଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଅଭିଯୋଗକୁ ଗୁରୁତ୍ୱର ସହ ନିଆଯିବ । ସମ୍ପୃକ୍ତ ଅଙ୍ଗନୱାଡି କର୍ମୀମାନଙ୍କୁ ଡାକି ସମସ୍ତ ବିଷୟରେ ବୁଝିବେ ଏବଂ ଯଦି କୌଣସି ଅନିୟମିତତା ପ୍ରମାଣିତ ହୁଏ, ତେବେ ନିୟମ ଅନୁଯାୟୀ ଉଚିତ ପଦକ୍ଷେପ ଗ୍ରହଣ କରାଯିବ । ଏବେ ଦେଖିବାକୁ ବାକି ରହିଲା ପ୍ରଶାସନ ପକ୍ଷରୁ ଏହି ଅଭିଯୋଗର କେତେ ଶୀଘ୍ର ତଦନ୍ତ କରାଯାଇ ହିତାଧିକାରୀଙ୍କୁ ନିୟମିତ ଭାବେ ପୋଷଣ ଖାଦ୍ୟ ଯୋଗାଇ ଦିଆଯାଉଛି ଏବଂ ଦୋଷୀଙ୍କ ବିରୋଧରେ କି ପଦକ୍ଷେପ ଗ୍ରହଣ କରାଯାଉଛି ।

# ମଦ ଦୋକାନ ସ୍ଥାନ ପରିବର୍ତ୍ତନକୁ ନେଇ ଆସନ୍ତୋଷ

**ଆଠମଲ୍ଲିକ,୨୯ ।୬ :** ଆଠମଲ୍ଲିକ ରେ ଚଳିତ ବର୍ଷ ନୂତନ ଭାବରେ ବିଦେଶୀ ମଦ ଦୋକାନ ଖୋଲିବା ପାଇଁ ଲାଇସେନ୍ସ ପାଇଥିବା ଠିକାଦାର କଲେଜ ରୋଡ ନିକଟସ୍ଥ ଏକ ଢ଼ାବା ନିକଟରେ ବିଦେଶୀ ମଦ ଦୋକାନ ଖୋଲିବା ପାଇଁ ଉଦ୍ୟତ ହଉଥିବା ବେଳେ ଅଞ୍ଚଳ ବାସୀ ଙ୍କ ମଧ ରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି । ସେ ଚୟନ କରିଥିବା ସ୍ଥାନ ମଧ୍ୟରୁ ମାତ୍ର ଅଧ କିଲୋ ମିଟର ଦୂର ରେ କେନ୍ଦ୍ରୀୟ ବିଦ୍ୟାଳୟ ଓ ଆଠମଲ୍ଲିକ ମହାବିଦ୍ୟାଳୟ ଅବସ୍ଥିତ । ତତ ସହିତ ଢ଼ାବା ର ପାଖା ପାଖି ଅଞ୍ଚଳ ରେ ଜନବସତି ମଧ ଅଛି । ଆଇନ ଶୃଙ୍ଖଳା କୁ ଆଖି ଆଗରେ ରଖି ଓ କଲେଜ ଛାତ୍ର ଛାତ୍ରୀ, କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଭବିଷ୍ୟତ ରେ ଅଡୁଆ ସୃଷ୍ଟି ହେବାର ଆଶଙ୍କା କରି ଅଞ୍ଚଳ ବାସୀ ଙ୍କ ତରଫରୁ ସ୍ଥାନ ପରିବର୍ତନ ପାଇଁ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା ଙ୍କ ନିକଟରେ ଦାବିପତ୍ର ଦେଇଥିବା ଜଣା ପଡ଼ିଛି । ବିଜେପି ଯୁବ ନେତା ପିନା ପାଣିଗ୍ରାହୀ ଏକ ଦସ୍ତଖତ ସମ୍ବଳିତ ଦାବିପତ୍ର ସ୍ଥାନୀୟ ଉପଜିଲ୍ଲାପାଳ, ଥାନା ଆଇ ଆଇ ସି ଓ ଅବକାରୀ ବିଭାଗ କୁ ଏକକିତା ନକଲ ଦେଇଥିବା ମଧ ଜଣା ପଡିଛି । ସୂଚନା ଥାଉ କି ଆଠମଲ୍ଲିକ କଲେଜ ରୋଡ, ଆଠମଲ୍ଲିକ କୁ ସଂଯୋଗ କରୁଥିବା ମୁଖ୍ୟ ଆଠମଲ୍ଲିକ ବଇଣ୍ଡା ରାସ୍ତା ହୋଇଥିବାରୁ ଟ୍ରାଫିକ ସମସ୍ୟା ମଧ ଭବିଷ୍ୟତ ରେ ଦେଖା ଯିବାର ସମ୍ଭାବନା ଥିବାରୁ ଉକ୍ତ ସ୍ଥାନ ରେ ମଦ ଦୋକାନ ନ ଖୋଲିବା ପାଇଁ ସହର ବାସୀ ଙ୍କ ମଧରେ ମତ ପ୍ରକାଶ ପାଇଛି ।

# ଗୁରୁଣ୍ଡିଆରେ ଜିଲ୍ଲା ପ୍ରଶାସନର ଯୁଗ୍ମ ଜନ ଶୁଣାଣି

**ବଣାଇଁ,୨୯ ।୬ :** ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଆଜି ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଯୁଗ୍ମ ଜନ ଶୁଣାଣି କରିଥିଲେ ଏହି କାର୍ଯ୍ୟକ୍ରମରେ ମୋଟ୍ ୮୯ ଗୋଟି ଅଭିଯୋଗ ଆସିଥିଲା ସେଥି




ମଧ୍ୟରୁ ବ୍ୟକ୍ତିଗତ ଭାବେ ୨୭ ଗୋଷଟି ଅଭିଯୋକ୍ଷଗ ଆସିଥିବା ବେଳେ ଦଳଗତ ଭାବେ ମେକ୍ଷଟ ୬୨ ଗୋଷଟି ଅଭିଯୋଗ ଆସିଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଙ୍କ ରିଲିଫ ପାଣ୍ଠିରୁ ଜଣକୁ ସହାୟତା ରାଶି ପ୍ରଦାନ କରାଯାଇଥିଲା । ବିଶେଷ କରି ରାସ୍ତା, ବିଦ୍ୟୁତ୍ ନେଟଓ୍ୱାର୍କ ସମସ୍ୟା କୁ ନେଇ ଅଭିଯୋଗ ମାନ ଆସିଥିଲା କ୍ଷ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୂରଞ୍ଜନ କୁମାର ସାହୁ, ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଉରକେଲା, ସହକାରୀ ବନ ସଂରକ୍ଷକ ଦୁର୍ଯ୍ୟୋଧନ ଜେରେଇ, ଡେପୁଟି କଲେକ୍ଟର ସ୍ୱାଗତିକା ଦଳପତିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଓ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ ।

# ପବିତ୍ରା ଦେବୀ ଶିଶୁ ଭବନରେ ସ୍ୱଚ୍ଛତା ସଚେତନତା

**ବାଲେଶ୍ୱର,୨୯ ।୬ :** ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ଅନ୍ତର୍ଗତ ଅଘିରାପଦା ଗ୍ରାମ ପଞ୍ଚାୟତର ଚିଙ୍ଗିଡ଼ା ସ୍ଥିତ ପବିତ୍ରା ଦେବୀ ଶିଶୁ ଭବନ ପରିସରରେ ଡିସିପିଓଙ୍କ ନିର୍ଦ୍ଦେଶକ୍ରମେ



ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ୱଚ୍ଛ ପରିବେଶ, ସୁସ୍ଥ ଜୀବନ ଓ ଦୈନନ୍ଦିନ ଜୀବନରେ ସ୍ୱଚ୍ଛତାର ଆବଶ୍ୟକତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ଏହାର ମୂଳ ଉଦ୍ଦେଶ୍ୟ ଥିଲା । କାର୍ଯ୍ୟକ୍ରମରେ ଅନୁଷ୍ଠାନର ସୁପରିଣ୍ଟେଣ୍ଡେଣ୍ଟ ଅକ୍ଷୟ କୁମାର ନାୟକ, ଶିକ୍ଷକ-ଶିକ୍ଷୟିତ୍ରୀ, ଅତିଥିବୃନ୍ଦ ଓ ଛାତ୍ରଛାତ୍ରୀମାନେ ଯୋଗଦେଇ ସ୍ୱଚ୍ଛତା ପ୍ରତି ସଚେତନ ରହିବାକୁ ଶପଥ ଗ୍ରହଣ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ ଓ ସଫେଇ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା । ବକ୍ତାମାନେ କହିଥିଲେ ଯେ, ସ୍ୱଚ୍ଛତା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ଏହା ପ୍ରତ୍ୟେକ ନାଗରିକଙ୍କର ନୈତିକ କର୍ତ୍ତବ୍ୟ । ଛୋଟବେଳୁ ସ୍ୱଚ୍ଛତାର ଅଭ୍ୟାସ ଗଢ଼ି ଉଠିଲେ ସୁସ୍ଥ ଓ ସୁନ୍ଦର ସମାଜ ଗଠନ ସମ୍ଭବ ବୋଲି ସେମାନେ ମତପ୍ରକାଶ କରିଥିଲେ । ଶେଷରେ ସମସ୍ତେ ନିଜ ଘର, ବିଦ୍ୟାଳୟ ଓ ଆଖପାଖ ପରିବେଶକୁ ସଫା-ସୁଥା ରଖିବା ସହ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରିବାକୁ ସଂକଳ୍ପ ନେଇଥିଲେ ।

# ହଙ୍ଗକଙ୍ଗ ଗସ୍ତ ପୂର୍ବରୁ ଲାୟନ୍ ବିକାଶ ନାୟକଙ୍କୁ ଭବ୍ୟ ସମ୍ବର୍ଦ୍ଧନା

**ଫୁଲନଖରା,୨୯ ।୬ :** ଲାୟନ୍ସ କ୍ଲବ ଇଣ୍ଟରନ୍ୟାସନାଲ୍ ଜିଲ୍ଲା ୩୨୨ ସି-୫ର ୨୦୨୬-୨୭ ବର୍ଷ ପାଇଁ ନିର୍ବାଚିତ ଜିଲ୍ଲା ଗଭର୍ଣ୍ଣର ଲାୟନ୍ ବିକାଶ ନାୟକ ଆସନ୍ତା ଜୁନ୍ ୩୦ ତାରିଖରେ ହଙ୍ଗକଙ୍ଗରେ ଆୟୋଜିତ ବିଶ୍ୱସ୍ତରୀୟ ଶପଥ ଗ୍ରହଣ ସମାରୋହରେ ଯୋଗଦେବା ପାଇଁ ବିଦେଶ ଗସ୍ତରେ ଯାଉଛନ୍ତି । ଏହି ଅବସରରେ କଟକ ଚହଟାସ୍ଥିତ ହୋଟେଲ ପ୍ରମୋଦ କନଭେନସନ୍ରେ ଏକ ଭବ୍ୟ 'ବନ୍ ଭୟେଜ୍' (Bon Voyage) ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ୩୨୨ ସି-୫ ଅଧୀନସ୍ଥ ବିଭିନ୍ନ ଲାୟନ୍ସ କ୍ଲବର ସଦସ୍ୟମାନେ ବହୁ ସଂଖ୍ୟାରେ ଯୋଗଦେଇ ନବନିର୍ବାଚିତ ଜିଲ୍ଲା ଗଭର୍ଣ୍ଣର ଲାୟନ୍ ବିକାଶ ନାୟକଙ୍କୁ ପୁଷ୍ପଗୁଚ୍ଛ, ଉପହାର ଓ ଉତ୍ତରୀୟ ପ୍ରଦାନ କରି ଭବ୍ୟ ସମ୍ବର୍ଦ୍ଧନା ଜଣାଇଥିଲେ । ସମସ୍ତେ ତାଙ୍କର ସଫଳ ବିଦେଶ ଗସ୍ତ, ଉଜ୍ଜ୍ୱଳ ଭବିଷ୍ୟତ ଓ ସଫଳ କାର୍ଯ୍ୟକାଳ ପାଇଁ ଶୁଭେଚ୍ଛା ଜଣାଇବା ସହ ହଙ୍ଗକଙ୍ଗରୁ ନୂତନ ଅଭିଜ୍ଞତା ଓ ନେତୃତ୍ୱ କୌଶଳ ଆହରଣ କରି ଜିଲ୍ଲାର ସେବାମୂଳକ କାର୍ଯ୍ୟକୁ ଆହୁରି ସଶକ୍ତ କରିବେ ବୋଲି ଆଶାବ୍ୟକ୍ତ କରିଥିଲେ । ସଭାରେ ବକ୍ତାମାନେ କହିଥିଲେ ଯେ, ଲାୟନ୍ସ କ୍ଲବର ମୂଳ ଲକ୍ଷ୍ୟ ହେଉଛି ନିଷ୍ପାର ସହ ମାନବସେବା । ଲାୟନ୍ ବିକାଶ ନାୟକଙ୍କ ନେତୃତ୍ୱରେ ଜିଲ୍ଲା ୩୨୨ ସି-୫ ଆଗାମୀ ଦିନରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା, ସାମାଜିକ କଲ୍ୟାଣ ଓ ମାନବିକ ସେବା କ୍ଷେତ୍ରରେ ଅଧିକ ସକ୍ରିୟ ଭୂମିକା ଗ୍ରହଣ କରିବ ବୋଲି ମତ ପ୍ରକାଶ ପାଇଥିଲା । ଏହି କାର୍ଯ୍ୟକ୍ରମର ଆୟୋଜନ ଲାୟନ୍ସ କ୍ଲବ ଭଦ୍ରକ ପକ୍ଷରୁ କରାଯାଇଥିବାବେଳେ ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଲାୟନ୍ ପ୍ରକାଶ କୁମାର ଜେନା ସଭାକୁ ସୁନ୍ଦର ଭାବେ ପରିଚାଳନା କରିଥିଲେ । ସୁଚାରୁ ଆୟୋଜନ ପାଇଁ ଭଦ୍ରକ ଲାୟନ୍ସ କ୍ଲବ, ପ୍ରଥମ ଜିଲ୍ଲା ଗଭର୍ଣ୍ଣର ଲାୟନ୍ ଅଶୋକ କୁମାର ମହାନ୍ତି ଓ କ୍ଲବର ସମସ୍ତ ସଦସ୍ୟଙ୍କୁ ଉପସ୍ଥିତ ଅତିଥିମାନେ ପ୍ରଶଂସା କରିଥିଲେ । ଏହି ଅବସରରେ ଲାୟନ୍ସ କ୍ଲବ ଭଦ୍ରକ, ବାଲେଶ୍ୱର ଉମଙ୍ଗ, ବାଲେଶ୍ୱର ଏମ୍ପାୱାର, ଅନୁଗୁଳ, ଏଲାଇଟ୍, ଢେଙ୍କାନାଳ, କଟକ, ପ୍ଲାଟିନମ୍, କଟକ ବାରବାଟୀ, କଟକ ଡାଇମଣ୍ଡ, କଟକ ଗ୍ରେଟର, କେନ୍ଦ୍ରାପଡ଼ା ନୀଳଚକ୍ର ଓ କେନ୍ଦ୍ରାପଡ଼ା ତୁଳସୀ କ୍ଷେତ୍ର ସମେତ ବିଭିନ୍ନ କ୍ଲବର ସଦସ୍ୟମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିଥିଲେ । ସଭାରେ ଜିଲ୍ଲା ୩୨୨ ସି-୫ର ବରିଷ୍ଠ କର୍ମକର୍ତ୍ତା ପିଡିଜି ଲାୟନ୍ ପ୍ରଭାତ ମହାନ୍ତି, ପିଡିଜି ଲାୟନ୍ ପ୍ରକାଶ କୁମାର ଜେନା, ପ୍ରଥମ ଭାଇସ୍ ଜିଲ୍ଲା ଗଭର୍ଣ୍ଣର ନିର୍ବାଚିତ ଲାୟନ୍ ଅଶୋକ କୁମାର ମହାନ୍ତି, ଦ୍ୱିତୀୟ ଭାଇସ୍ ଜିଲ୍ଲା ଗଭର୍ଣ୍ଣର ନିର୍ବାଚିତ ଲାୟନ୍ ଅକ୍ଷୟ କୁମାର ମହାନ୍ତି, ବର୍ତ୍ତମାନର ଜିଲ୍ଲା ଗଭର୍ଣ୍ଣର ଲାୟନ୍ ମମତା ଦାସ, ଡେପୁଟି କ୍ୟାବିନେଟ୍ ସେକ୍ରେଟାରୀ ଶର୍ମିଷ୍ଠା ଦାସ, ପିଆରଓ ଲାୟନ୍ ଇନ୍ଦିରା ନାୟକ, ଜିଏମ୍ଟି ଲାୟନ୍ ସଞ୍ଜୟ ସନ୍ତୁକା ଓ ଜିଇଟି ଲାୟନ୍ ତୈଳକ ଦେହୁରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଲାୟନ୍ସ କ୍ଲବ ଭଦ୍ରକର ସମ୍ପାଦକ ଲାୟନ୍ ପୂର୍ଣ୍ଣଚନ୍ଦ୍ର ସେନ୍ ଧନ୍ୟବାଦ ଅର୍ପଣ କରିଥିବାବେଳେ କ୍ଲବର ସଭାପତି ଲାୟନ୍ ସୁରେଶ କୁମାର ମହାନ୍ତି ସଭା ସମାପ୍ତି ଘୋଷଣା କରିଥିଲେ । ବର୍ଣ୍ଣାଢ୍ୟ ପରିବେଶରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭା ଉପସ୍ଥିତ ସମସ୍ତ ସଦସ୍ୟଙ୍କ ମଧ୍ୟରେ ସେବା, ସମର୍ପଣ ଓ ସଂଗଠନର ଏକତାର ବାର୍ତ୍ତା ପ୍ରଦାନ କରିଥିଲା ।

# ଶ୍ରୀଶ୍ରୀ ଦଧିବାମନ ଜୀଉଙ୍କ ସ୍ନାନ ଯାତ୍ରା

**ଭବାନୀପାଟଣା,୨୯ ।୬ :** ନର୍ଲା ବ୍ଲକ ବୁଢ଼ୀପଦର ସ୍ଥିତ ଦେବଗିରି ମଠରେ ମହାପ୍ରଭୁ ଦଧିବାମନ ଜୀଉଙ୍କ ସ୍ନାନଯାତ୍ରା ସଂପନ୍ନ ହୋଇଛି । ପ୍ରାତଃ ସମୟରୁ କବାଟଫିଟା ନିତି ପରଠାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବିଭିନ୍ନ ନିତି ପରମ୍ପରା ଅନୁକ୍ରମରେ ସଂପନ୍ନ ହେବାପରେ ଶ୍ରୀ ଶ୍ରୀ ଦଧିବାମନ ଜୀଉଙ୍କ ସ୍ନାନନିତି ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ସଂପନ୍ନ ହୋଇଥିଲା । ଦେବଗିରି ମଠର ମ୍ୟାନେଜିଂ ଟ୍ରଷ୍ଟି ସୁନୀଲ କୁମାର ଧଙ୍ଗଡାମାଝୀଙ୍କ ପ୍ରତକ୍ଷ୍ୟ ତତ୍ୱାବଧାନରେ ଆୟୋଜିତ



ସ୍ନାନ ପୂର୍ଣ୍ଣିମା ନିତିରେ ସେବାୟତ ତପିବର ଦାସ, ହରିହର ଦାସ, ବିଭିଷଣ ଦାସ, ରୋମାଞ୍ଚଳ ଦାସ, ରାମଚନ୍ଦ୍ର ଦାସ, ପୂଜକ ସନ୍ତୋଷ ପାଢ଼ୀ, ଗୋପାଳ ସେବକ ଟିକେ ଗଉଡ, ଟ୍ରଷ୍ଟ ବୋର୍ଡ଼ ସଦସ୍ୟ ବିଜୟ ଧଙ୍ଗଡାମାଝୀ, ରଜନୀ ଗଉଡ, ବିଷ୍ଣୁ ଗଉଡ, ସଞ୍ଜୟ ଧଙ୍ଗଡାମାଝୀ, ସୁରେନ୍ଦ୍ର ମାଝୀ, ସତ୍ରୁଘନ ଧଙ୍ଗଡାମାଝୀ, ଦେବରାଜ ଗଉଡ, ଭରତ ଧଙ୍ଗଡାମାଝୀ, ପ୍ରଦୀପ ଧଙ୍ଗଡାମାଝୀ, ବିଭିଷଣ ଧଙ୍ଗଡାମାଝୀ, ଗୌନ୍ତିଆଙ୍କ ପ୍ରତିନିଧି ଖିରାହ୍ଵି ମାଝୀ ଓ କାନ୍ତ ମାଝୀ, ଶିକ୍ଷାବିତ ଅଶୋକ ଧଙ୍ଗଡାମାଝୀ, ସୁଧୀର ଧଙ୍ଗଡାମାଝୀ, ବଳଭଦ୍ର ହରିଜନ, ଧନେ ହେର୍ଣ୍ଣା, ଗ୍ରାମବାସୀ ପ୍ରମୁଖ ସହଯୋଗ କରିଥିଲେ । ଏହି ଅବସରରେ ନର୍ଲା ବିଡ଼ିଓ ବିପିନ ବିହାରୀ ଦୀପ ବ୍ଲକ ଷ୍ଟାପଙ୍କ ସହ ଯୋଗ ଦେଇଥିଲେ । ଆଜି ଦେବସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ମଠରେ ଭକ୍ତମାନଙ୍କ ପ୍ରବଳ ଗହଳି ପରିଲକ୍ଷିତ ହୋଇଥିଲା ।

## ଉଦ୍ୟମୀ ଓଡ଼ିଶା ଏମ୍ଏସ୍ଏମ୍ଇ କାର୍ଯ୍ୟକ୍ରମ

# ତୃତୀୟ ଦିନରେ ଡିଜିଟାଲ ବିପଣନ ଓ ରପ୍ତାନି ଉପରେ କର୍ମଶାଳା

**ବାଲେଶ୍ୱର,୨୯ ।୬ :** ଜିଲ୍ଲା ଶିଳ୍ପ କେନ୍ଦ୍ର, ବାଲେଶ୍ୱର ଆନୁକୂଲ୍ୟରେ ଆୟୋଜିତ ପାଞ୍ଚଦିନିଆ 'ଉଦ୍ୟମୀ ଓଡ଼ିଶା ଏମ୍ଏସ୍ଏମ୍ଇ' କାର୍ଯ୍ୟକ୍ରମର ତୃତୀୟ ଦିନରେ ସ୍ଥାନୀୟ ନୋସି ବିଜନେସ ପାର୍କଠାରେ "ବିପଣନ, ଡିଜିଟାଲାଇଜେଶନ ଏବଂ ରପ୍ତାନି ପ୍ରୋତ୍ସାହନ" ଶୀର୍ଷକରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୁକ୍ତି ବିନିମୟ ଅଧିକାରୀ ଦୁର୍ଗା ଚରଣ ଦାସ ଯୋଗଦେଇ ବର୍ତ୍ତମାନର ପ୍ରତିଯୋଗିତାମୂଳକ ବଜାରରେ ଉଦ୍ୟୋଗୀମାନଙ୍କ ପାଇଁ ଡିଜିଟାଲ ବିପଣନ, ଇ-କମର୍ସ ଓ ରପ୍ତାନି ସୁଯୋଗର ସଦ୍‌ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ଭାବେ ଅକ୍ଷୟ




କୁମାର ଦାସ, ମାଣିକଚାନ୍ଦ ଦେ ଏବଂ ଧନ ଟୁଡୁ ଯୋଗଦେଇ ଏମ୍ଏସ୍ଏମ୍ଇ କ୍ଷେତ୍ରର ବିକାଶ, ଅନଲାଇନ ବ୍ୟବସାୟ, ବ୍ରାଣ୍ଡିଂ ଓ ରପ୍ତାନି ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ଉଦ୍ୟୋଗୀମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ । ଜିଲ୍ଲାର ପ୍ରାୟ ୧୦୦ରୁ ଅଧିକ ଉଦ୍ୟୋଗୀ ଓ ଆତ୍ମନିର୍ଭରଶୀଳତା ପ୍ରତି ଆଗ୍ରହୀ ଯୁବକ-ଯୁବତୀ ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ । ପୂର୍ଣ୍ଣେନ୍ଦୁ କର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କ୍ଷୀତିଶ ପଣ୍ଡା, ଅମରଜ୍ୟୋତି କବି, ଅଂଶୁମାନ ବେହେରା, ଅଭିଷେକ ଜେନା, ଭବାନୀ ଶଙ୍କର ପାତ୍ର, ସତ୍ୟବ୍ରତ ନାୟକ, ସମୀକ୍ଷା ସେନାପତି ଓ ରାହାଲ ହାଁସଦା ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ମମତା ପରିଡ଼ା ଧନ୍ୟବାଦ ଜ୍ଞାପନ କରିଥିଲେ ।

# ରୁପ୍ରାରୋଡ ଜଗନ୍ନାଥ ମନ୍ଦିରରେ ସ୍ନାନଯାତ୍ରା



**ଭବାନୀପାଟଣା,୨୯ ।୬,୨୯ ।୬ :** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ରୁପ୍ରାରୋଡ ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନଯାତ୍ରା ଓ ଗଜାନନ ବେଶ ଅନୁଷ୍ଠିତ ହୋଇଯାଇଛି । ଆଜି ପ୍ରଥମେ ଦ୍ୱାର ଫିଟା, ସୂର୍ଯ୍ୟପୂଜା, ଦ୍ୱାର ପାଦପୂଜା, ମଙ୍ଗଳ ଆଳତୀ, ଭୋଗ ପରେ ବେଶ ମଙ୍ଗଳାର୍ପଣ ତା'ପରେ ଧାଡ଼ି ପହଣ୍ଡିରେ ଶ୍ରୀଜିଉ ସ୍ନାନବେଦୀକୁ ବିଜେ କରିଥିଲେ । ସେଥିରେ ପୂଜା ଓ ଜଳ ବିଶୁଦ୍ଧି କରିବାପରେ ସୁବାସିତ ଜଳ ଦ୍ୱାରା ସ୍ନାନ ନୀତି କରାଯାଇଥିଲା ? । ପରେ ଶ୍ରୀଜୀଉଙ୍କ ଦୁର୍ଲ୍ଲଭ ଗଜାନନ ବେଶ କରାଯାଇଥିଲା । ରୁପ୍ରାରୋଡ ଜଗନ୍ନାଥ ମନ୍ଦିରରେ ମୁଖ୍ୟ ଉଦ୍ୟୋକ୍ତା ଦିବଂଗତ ଡ଼ଃ ସାଧୁରାମ ଅଗ୍ରୱାଲଙ୍କ ସୁପୁତ୍ର ସୁନୀଲ କୁମାର ଅଗ୍ରୱାଲ ଓ ସୁମିତ କୁମାର ଅଗ୍ରୱାଲଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆଶିର୍ବାଦ ମହାରାଜ ଏବଂ ତାଙ୍କ ସହଯୋଗୀ ବୃନ୍ଦ ନିତି ସମ୍ପାଦନ କରିଥିଲେ । କର୍ତ୍ତା ଅମିତ ଅଗ୍ରୱାଲ ଓ ତାଙ୍କ ଧର୍ମପତ୍ନୀ ପାୟଲ, ଆଦେଶ ଅଗ୍ରୱାଲ ଓ ତାଙ୍କ ଧର୍ମପତ୍ନୀ ନୂତନ, ସୁରେଶ ଅଗ୍ରୱାଲ ଓ ତାଙ୍କ ଧର୍ମପତ୍ନୀ ତୁଳସୀ, ଚନ୍ଦ୍ରମୋହନ ରୋହିଲା ଓ ତାଙ୍କ ଧର୍ମପତ୍ନୀ ମଞ୍ଜୁ ପ୍ରମୁଖ ଚତୁର୍ଦ୍ଧା ମୂରତିଙ୍କୁ ସୁଗନ୍ଧିତ ଜଳରେ ସ୍ନାନ କରାଇଥିଲେ । ଉପସ୍ଥିତ ଭକ୍ତ ବୃନ୍ଦ ମଧ ଶ୍ରୀ ଜୀଉ ମାନଙ୍କୁ ସ୍ନାନ କରାଇଥିବା ଦେଖିବାକୁ ମିଳିଥିଲା । ଆଜିର ଏହି ଦୁର୍ଲ୍ଲଭ ଗଜାନନ ବେଶ ଦେଖିବାକୁ ରୁପ୍ରାରୋଡ ବସ୍ତି ସମେତ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁମାନେ ସମବେତ ହୋଇଥିଲେ । ଜୟ ଜଗନ୍ନାଥ ଧ୍ୱନିରେ ରୁପ୍ରାରୋଡ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା ।

# ଅନ୍ନପୂର୍ଣ୍ଣା ଯୋଜନାରେ ୧ ଟଙ୍କାରେ ପେଟ ପୁରା ଖାଦ୍ୟ

## ଉପକୃତ ହେଲେ ହଜାର ହଜାର ଲୋକ

**ବାଲେଶ୍ୱର,୨୯ ।୬ :** ଭୋକର କୌଣସି ଧର୍ମ ନଥାଏ ଓ ସେବାର କୌଣସି ସୀମା ନଥାଏ । ଏହି ମହାନ ଆଦର୍ଶକୁ ପାଥେୟ କରି ବାଲେଶ୍ୱରରେ ଚାଲିଛି ନିଆରା ସମାଜସେବାମୂଳକ କାର୍ଯ୍ୟକ୍ରମ 'ଅନ୍ନପୂର୍ଣ୍ଣା ଯୋଜନା' । ବାଲେଶ୍ୱର ଯୁବଶକ୍ତି ସଙ୍ଗଠନର ସଭାପତି ତପନ ଦାସଙ୍କ ନେତୃତ୍ୱରେ ପ୍ରତି ମାସର ଶେଷ ସୋମବାର ମିଶନ ପଡ଼ିଆଠାରେ ମାତ୍ର ୧ ଟଙ୍କା ବିନିମୟରେ ପେଟପୁରା ସ୍ୱାଦିଷ୍ଟ ଓ ସ୍ୱାସ୍ଥ୍ୟକର ଭୋଜନ ବଣ୍ଟନ କରାଯାଉଛି ।ସୋମବାର ଆୟୋଜିତ କାର୍ଯ୍ୟକ୍ରମରେ ଶିଶୁ, ମହିଳା, ବୃଦ୍ଧ ଓ ଶ୍ରମଜୀବୀଙ୍କ ସମେତ ବିଭିନ୍ନ ବର୍ଗର ହଜାର ହଜାର ଲୋକ ଯୋଗଦେଇ



ଏହାର ସୁବିଧା ଗ୍ରହଣ କରିଥିଲେ । ପ୍ରତ୍ୟେକ ମାସରେ ପ୍ରାୟ ୮ ହଜାର ଲୋକଙ୍କୁ ସମ୍ମାନର ସହିତ ଭୋଜନ ପରିବେଷଣ କରାଯାଉଥିବା ସୂଚନା ମିଳିଛି । ସଂଗଠନ ପକ୍ଷରୁ କୁହାଯାଇଛି ଯେ, ଲୋକଙ୍କଠାରୁ ଗ୍ରହଣ କରାଯାଉଥିବା ପ୍ରତୀକାତ୍ମକ ୧ ଟଙ୍କା ଗୋସେବା ଭଳି ଜନହିତକର କାର୍ଯ୍ୟରେ ବ୍ୟୟ କରାଯାଉଛି । ଗତ ୧୧ ମାସ ଧରି ନିରନ୍ତର ଭାବେ ଚାଲିଆସୁଥିବା ଏହି ମାନବିକ ପ୍ରୟାସ ସହରରେ ଏକ ଅନନ୍ୟ ଦୃଷ୍ଟାନ୍ତ ସୃଷ୍ଟି କରିଛି । ଏହି ଅବସରରେ ବହୁ ସମାଜସେବୀ, ବୁଦ୍ଧିଜୀବୀ ଓ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ । ସେମାନେ କହିଥିଲେ, ଅନ୍ନପୂର୍ଣ୍ଣା ଯୋଜନା କେବଳ ଭୋକିଲା ପେଟକୁ ଆହାର ଯୋଗାଉ ନାହିଁ, ବରଂ ସମାଜରେ ସେବା, ସହଯୋଗ, ସମର୍ପଣ ଓ ମାନବିକ ମୂଲ୍ୟବୋଧର ଏକ ଉଜ୍ଜ୍ୱଳ ବାର୍ତ୍ତା ପ୍ରଦାନ କରୁଛି ।ସାମାଜିକ ଦାୟିତ୍ୱବୋଧ ଓ ମାନବସେବାର ଏହି ମହତ୍ ପ୍ରୟାସକୁ ସହରବାସୀ ସ୍ୱାଗତ କରିଥିବାବେଳେ, ଆଗାମୀ ଦିନରେ ଏଭଳି କାର୍ଯ୍ୟକ୍ରମ ଅନ୍ୟମାନଙ୍କ ପାଇଁ ମଧ ପ୍ରେରଣାର ଉତ୍ସ ପାଲଟିବ ବୋଲି ମତ ପ୍ରକାଶ ପାଇଛି ।

# ପାର୍ଥ ସାରଥୀ ଧାମରେ ସ୍ନାନଯାତ୍ରା

**ପାତ୍ରପୁର,୨୯ ।୬ :** ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ପାର୍ଥସାରଥୀ ଧାମ ଜରଡ଼ା ଠାରେ ଜ୍ୟେଷ୍ଠ ପୂର୍ଣ୍ଣିମା ଅବସରରେ ସ୍ନାନ ଯାତ୍ରା ଓ ଗଜାନନ ବେଶ ଅନୁଷ୍ଠିତ ହୋଇଯାଇଛି । ରବିବାର ରାତ୍ର ମହାପ୍ରଭୁ ଙ୍କ ଚକାଛଡ଼ା ନୀତି ଅନୁଷ୍ଠିତ ହୋଇଥିବା ବେଳେ ସୋମବାର ଆନ୍ଧ୍ର ପ୍ରଦେଶ ବାରୁଆ ନିକଟସ୍ଥ ମହୋଦଧି ଜଳ ଅଣାଯାଇଥିଲା । ପୁରୋହିତ ଲଳିତ ମୋହନ ପଣ୍ଡାଙ୍କ ଦ୍ୱାରା ନୀତି କାନ୍ତି ଅନୁଷ୍ଠିତ କରାଯାଇ ପହଣ୍ଡି କରାଯାଇଥିବା ବେଳେ ପୂଜକ ସେବକ, ସୁଆର, ସୂପକାର ମାନେ ୧୦୮ ଗରା ମହୋଦଧି ଜଳରେ ମହାପ୍ରଭୁ ସ୍ନାନ କରା ଥିଲେ । ସ୍ନାନ ଯାତ୍ରା ପରେ ମହାପ୍ରଭୁ ଙ୍କୁ ଗଜାନନ ବେଶ କରଯାଇଥିଲା । ସଙ୍କୀର୍ତ୍ତନ ମଣ୍ଡଳୀ,ପରିଚାଳନା କମିଟି ଉପସ୍ଥିତ ରହି ସହଯୋଗ କରିଥିବା ବେଳେ ସ୍ନାନ ଯାତ୍ରା ଦେଖିବା ପାଇଁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା । ଆଜ ଦିନ ଠାରୁ ମହାପ୍ରଭୁ ୧୫ ଦିନ ଅଣସର ଘରେ ରହଣି ପରେ ନବ ଯୌବନ ଦର୍ଶନ ପରେ ଘୋଷ ଯାତ୍ରା ଅନୁଷ୍ଠିତ ହେବାକୁ ଥିବା ବେଳେ ଚଳିତ ବର୍ଷ ସମ୍ପୂର୍ଣ୍ଣ ନୂଆ ରଥ ନିର୍ମାଣ କରାଯାଉଥିବା ସୂଚନା ମିଳିଛି ।



# ସ୍ନାନ ମଣ୍ଡପରେ ଦର୍ଶନ ଦେଲେ ପ୍ରଭୁ ପ୍ରସନ୍ନଦେବ



**ବାସୁଦେବପୁର, ୨୯।୬ :** କୋଟି କୋଟି ଓଡିଆଙ୍କ ମଉଡ ମଣୀ ଭାବର ଠାକୁର ପ୍ରଭୁ ଜଗତର ନାଥ ଜଗନ୍ନାଥଙ୍କ ଆଜି ସ୍ନାନ ପୂର୍ଣ୍ଣିମା। ଏହି ସ୍ନାନ ପୂର୍ଣ୍ଣିମା ଅବସରରେ ଭଦ୍ରକ ଜିଲ୍ଲା ବାସୁଦେବପୁର ପୌରପାଳିକା ରେ ଥିବା ସର୍ବ ପୁରାତନ ପ୍ରଭୁ ପ୍ରସନ୍ନଦେବ ଙ୍କର ସ୍ନାନ ଯାତ୍ରା ଖୁବ୍ ଧୁମଧାମରେ ପାଳିତ ହୋଇଯାଇଛି। ସମସ୍ତ ନିତି କାନ୍ତି ରେ ବଡ ଠାକୁର ଭାବରେ ପ୍ରଭୁ ପ୍ରସନ୍ନ ଦେବଙ୍କର ସ୍ନାନ ପୂର୍ଣ୍ଣିମା ବହୁ ଭକ୍ତ ମାନଙ୍କ ସମାଗମରେ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ବାସୁଦେବପୁର ଅଞ୍ଚଳ ର ପ୍ରତ୍ୟକ୍ଷ ଠାକୁର ଭାବେ ୪୬୬ ବର୍ଷ ହେଲା ପୂଜା ପାଇଆସୁଛନ୍ତି ପ୍ରଭୁ ପ୍ରସନ୍ନଦେ୍ବ । ଭକ୍ତର ସମସ୍ତ ମନବାଞ୍ଛା ପୂଣ କରିଆସୁଛନ୍ତି ପ୍ରଭୁ ପ୍ରସନ୍ନ ଦେବ। ପ୍ରଭୁ ପ୍ରସନ୍ନ ଦେବ ଙ୍କ ମନ୍ଦିର ୧୫୬୦ ମସିହାରେ ଚୌଧୁରୀ ବିଭୁ ଭୂଷଣ ହରିଚନ୍ଦନ ରାୟ ମହାପାତ୍ର ଭୁୟାଁ ନିର୍ମାଣ କରିଥିଲେ। ପ୍ରସନ୍ନ ଦେବ ଙ୍କର ପ୍ରଥମ ପୂଜକ ଭାବରେ ମଣି ପାଢ଼ୀ ପୂଜା କରିଆସୁଥିଲେ। ଏବେ ଉକ୍ତ ଚୌଧୁରୀ ବଂଶ ର ଦାୟାଦ ଭାବରେ ଚୌଧୁରୀ ସତ୍ୟନାରାୟଣ ରାୟ ପ୍ରଭୁଙ୍କର ମୁଖ୍ୟ ସେବକ ଭାବରେ ସମସ୍ତ ଦାଇତ୍ୱ ନିର୍ବାହ କରୁଛନ୍ତି। ଭେଡା ଠାରୁ ଆଙ୍କୁଡା ପର୍ଯ୍ୟନ୍ତ ଭକ୍ତମାନେ ନିଜର ମନସ୍କାମନା ପୂର୍ଣ୍ଣ ପାଇଁ ଯେତେବେଳେ ପ୍ରଭୁ ପ୍ରସନ୍ନ ଦେବ ଙ୍କ ନିକଟକୁ ଆସନ୍ତି ସେମାନଙ୍କ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି କୁହାଯାଏ। ଦେବ ସ୍ନାନ ପୂର୍ଣ୍ଣିମା ରେ ପୂର୍ବ ନିର୍ଦ୍ଧାରିତ ସମୟ ମଧ୍ୟରେ,ବ଼ଡ ଠାକୁର ପ୍ରଭୁ ପ୍ରସନ୍ନଦେ୍ବ ଙ୍କୁ ପଣ୍ଡା ପ୍ରତିହାରୀ ମାନେ ଶଙ୍ଖ, ଘଣ୍ଟା, ହୁଳହୁଳି ଶବ୍ଦ ସହିତ ବାଜା ବଜାଇ ପହଣ୍ଡି କରଯାଇ ମନ୍ଦିର ରୁ ସ୍ନାନ ମଣ୍ଡପ ପର୍ଯ୍ୟନ୍ତ ଅଣାଯାଇ କ୍ଷୀର , ସୁବାଶିଷ ଜଳ ଓ ଡାବ ଜଳରେ ସ୍ନାନ କରାଯାଇଥିଲା। ଏହି ଦୃଶ୍ୟ ଦେଖି ଭକ୍ତ ମାନଙ୍କ ମନ ଆନନ୍ଦରେ ବିଭୋର ହୋଇଯାଇଥିଲା। ଉକ୍ତ ଦେବସ୍ନାନ ପୂର୍ଣ୍ଣିମା ଅବସରରେ ପ୍ରଭୁ ପ୍ରସନ୍ନ ଦେବ ଙ୍କ ସ୍ନାନ ଦର୍ଶନ କରିବା ପାଇଁ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ତହସିଲଦାର ପ୍ରିୟବ୍ରତ ଦାସ, ଆଇଆଇସି ନିରୋଜ କୁମାର ସାମଲ, ପୌରାଧ୍ୟକ୍ଷା ନିବେଦିତା ବେହେରା ଙ୍କ ସମେତ ହଜାର ହଜାର ସଂଖ୍ୟାରେ ଭକ୍ତମାନେ ଯୋଗଦାନ କରିଥିଲେ। ଉକ୍ତ ସ୍ନାନ ପୂର୍ଣ୍ଣିମା କୁ ପ୍ରସନ୍ନ ଦେବ ମନ୍ଦିର କମିଟି ତଥା ପ୍ରସନ୍ନ ଦେବ ଟ୍ରଷ୍ଟ ର ସମସ୍ତ ସଦସ୍ୟ ଏବଂ ପ୍ରସନ୍ନ ଦେବ ସେନା ମିଳିତ ଭାବରେ ପରିଚାଳନା କରିଥିଲେ।

# ଜଳସେଚନ ବିଭାଗରେ ଟେଣ୍ଡର ଜାଲିଆତି ଅଭିଯୋଗ

- ଅଧୀକ୍ଷଣ ଯନ୍ତ୍ରୀଙ୍କ ଭୂମିକାକୁ ନେଇ ପ୍ରଶ୍ନ
- ଏଗ୍ରିମେଣ୍ଟ ପାଇଁ ତତ୍ପରତାକୁ ନେଇ ବଢୁଛି ସନ୍ଦେହ

**ଭବାନୀପାଟଣା, ୨୯।୬ :** ରଞ୍ଜନ କୁମାର ମହାନ୍ତି: କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଜଳସେଚନ ବିଭାଗରେ ପ୍ରାୟ ୧୨.୫ କୋଟି ଟଙ୍କାର ଟେଣ୍ଡର ପ୍ରକ୍ରିୟାରେ ବ୍ୟାପକ ଦସ୍ତଖତ ଜାଲିଆତି ହୋଇଥିବା ନେଇ ଏକ ସଂଗୀନ ଅଭିଯୋଗ ସାମ୍ନାକୁ ଆସିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ବର୍ତ୍ତମାନ ଏଗ୍ରିମେଣ୍ଟ (ଚୁକ୍ତିପତ୍ର) କରିବା ପାଇଁ ଦେଖାଦେଇଥିବା ତତ୍ପରତା ସନ୍ଦେହକୁ ଆହୁରି ଦ୍ୱିଗୁଣିତ କରିଛି। ଠିକାଦାର ସଙ୍ଘ ପକ୍ଷରୁ କଳାହାଣ୍ଡି ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ଓଡ଼ିଶା ପୋଲିସ ମହା ନିର୍ଦ୍ଦେଶକ (ଡିଜି), ମୁଖ୍ୟ ସଚିବ (ଜଳ ସମ୍ପଦ ବିଭାଗ)ଙ୍କ ସମେତ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଚିଠି ଲେଖି ଏହି ଦୁର୍ନୀତି ସମ୍ପର୍କରେ ଅବଗତ କରାଯାଇଛି। ସରକାରୀ ନିୟମକୁ ବୁଢ଼ା ଆଙ୍ଗୁଠି ଦେଖେଇ ୱର୍କସ ଡିପାର୍ଟମେଣ୍ଟ ଚିଠିର ଖୋଲା ଉଲ୍ଲଂଘନ କରାଯାଇଛି। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ସମ୍ପୃକ୍ତ ଅଧୀକ୍ଷଣ ଯନ୍ତ୍ରୀଙ୍କ ଭୂମିକାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ରାଜ୍ୟ ସରକାରଙ୍କ ୱର୍କସ ଡିପାର୍ଟମେଣ୍ଟ ପକ୍ଷରୁ ଗତ ୨୨/୦୪/୨୦୨୬ରେ ଜାରି କରାଯାଇଥିବା ସାର୍କୁଲାର ଚିଠି ନମ୍ବର-୧୧୭୭୭ ରେ ସ୍ପଷ୍ଟ ନିର୍ଦ୍ଦେଶ ରହିଛି ଯେ, କୌଣସି ସ୍ଥାନୀୟ ବ୍ୟକ୍ତିଙ୍କୁ ନିଜ ଗୃହ ଜିଲ୍ଲାରେ ନିଯୁକ୍ତି ଦିଆଯାଇପାରିବ ନାହିଁ। ହେଲେ ଏହି ସରକାରୀ ନିୟମକୁ ସମ୍ପୂର୍ଣ୍ଣ ଜଳାଞ୍ଜଳି ଦେଇ କେଉଁ ପରିସ୍ଥିତିରେ ଏବଂ କାହା ଛତ୍ରଛାୟାରେ କଳାହାଣ୍ଡି ଜିଲ୍ଲାର ସ୍ଥାନୀୟ ଲୋକ ହୋଇଥିବା ଯନ୍ତ୍ରୀଙ୍କୁ ଭବାନୀପାଟଣାରେ ନିଯୁକ୍ତି ମିଳିଲା, ତାହା ବୁଦ୍ଧିଜୀବୀ ମହଲକୁ ଆଶ୍ଚର୍ଯ୍ୟ କରିଛି। ଏହି ବେଆଇନ ସ୍ଥାନୀୟ ସଂପୃକ୍ତି ଯୋଗୁଁ ହିଁ କାର୍ଯ୍ୟାଳୟ ଅଧୀନରେ ପୂର୍ବରୁ ମଧ୍ୟ ଅନେକ ଟେଣ୍ଡରରେ ବଡ଼ ଧରଣର ଜାଲିଆତି ହୋଇଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ଏହି ବିବାଦୀୟ ଟେଣ୍ଡରର ଏଗ୍ରିମେଣ୍ଟ ପ୍ରକ୍ରିୟା ଶେଷ କରିବା ପାଇଁ ବିଭାଗୀୟ ସ୍ତରରେ ବେଶ୍ ତତ୍ପରତା ପ୍ରକାଶ ପାଇଥିବା ଚର୍ଚ୍ଚା ହେଉଛି। ସାଧାରଣରେ ଆଲୋଚନା ହେଉଛି ଯେ, ଯଦି ଟେଣ୍ଡର ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛ


GOVERNMENT OF ODISHA
WORKS DEPARTMENT
NOTIFICATION

ଭାବେ ହୋଇଛି, ତେବେ ଏଗ୍ରିମେଣ୍ଟ ହେବାରେ ଅସୁବିଧା କେଉଁଠି ? ନଚେତ୍, ୱର୍କସ ଡିପାର୍ଟମେଣ୍ଟର ନିର୍ଦ୍ଦେଶକୁ ଅବମାନନା କରିଥିବା ସମ୍ପୃକ୍ତ ଅଧୀକ୍ଷଣ ଯନ୍ତ୍ରୀଙ୍କ ସମେତ ଏହି ମଧୁଚନ୍ଦ୍ରିକାରେ ସାମିଲ ଥିବା ସମସ୍ତ ଅଧିକାରୀଙ୍କ ଉପରେ ନିରପେକ୍ଷ ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଜନସାଧାରଣରେ ଦାବି ଜୋର ଧରିଛି। ବର୍ତ୍ତମାନ ପୋଲିସ ଓ ରାଜ୍ୟ ସରକାର ତଥା ଓଡ଼ିଶା ପୋଲିସ ମହା ନିର୍ଦ୍ଦେଶକ (ଡିଜି) ଦସ୍ତଖତ ଜାଲିଆତି ଏବଂ ବ୍ୟାଙ୍କ ଡିପୋଜିଟ ସହ ସମ୍ପୃକ୍ତ ଠିକାଦାରଙ୍କ ଆଇଟି ରିଟର୍ନ ଯାଞ୍ଚ କରିବା ସହ ଏହି ସଂଗୀନ ମାମଲାକୁ ଗମ୍ଭୀରତାର ସହ ନେଇ ତୁରନ୍ତ ଏକ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେବା ପାଇଁ ସାଧାରଣରେ ଦାବି ହେଉଛି।

# ବୋରିଗୁମ୍ମାରେ ବନ ବିଭାଗର ଚଢ଼ଉ
## ଲକ୍ଷାଧିକ ଟଙ୍କାର ସାଗୁଆନ କାଠ ଜବତ, ଜଣେ ଗିରଫ



**କୋରାପୁଟ, ୨୯।୬ :** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବନାଞ୍ଚଳରେ ବନ ବିଭାଗର ରାତ୍ରିକାଳୀନ ପାଟ୍ରୋଲିଂ ବେଳେ ବଡ଼ ସଫଳତା ମିଳିଛି। ଅବୈଧ ଭାବେ ସାଗୁଆନ କାଠ ପରିବହନ କରୁଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରିବା ସହ ଲକ୍ଷାଧିକ ଟଙ୍କା ମୂଲ୍ୟର ସାଗୁଆନ କାଠ ଓ ଏକ ପିକଅପ୍ ଗାଡ଼ି ଜବତ କରାଯାଇଛି। ଗତ ୨୮ ଜୁନ ରାତି ପ୍ରାୟ ୯ଟା ସମୟରେ ବି. ସିଂହପୁର ସେକ୍ସନ ଅଧୀନ ରଣସପୁର ଗ୍ରାମ ନିକଟରେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ମୁଣ୍ଡାଗୁଡ଼ା ଗ୍ରାମର ସୋମାରୁ ପୂଜାରୀଙ୍କୁ ଅବୈଧ ଭାବେ ବନଜାତ ଦ୍ରବ୍ୟ ପରିବହନ ଅଭିଯୋଗରେ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ନିକଟରୁ ଏକ ଆଶୋକ ଲେଲାଣ୍ଡ 'ବଡ଼ା ଦୋସ୍ତ' ପିକଅପ୍ ଗାଡ଼ି, ୪୨ଟି ସାଗୁଆନ ପଟି, ୭ଟି ସାଗୁଆନ ସାଇଜ କାଠ ଏବଂ ପ୍ରାୟ ଏକ କ୍ୱିଣ୍ଟାଲ ଜାଳେଣି କାଠ ଜବତ କରାଯାଇଛି। ଜବତ ସାମଗ୍ରୀର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ବନ ବିଭାଗ ସୂଚନା ଦେଇଛି। ଡିଏଫଓ ଜୟପୁରଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ୍ ଅମିତ କୁମାର ନାୟକ ଏବଂ ବୋରିଗୁମ୍ମା ରେଞ୍ଜର ଦମ୍ବରୁଧର ଗୋମାଙ୍ଗୋଙ୍କ ତତ୍ତ୍ୱାବଧାନରେ ଘଟଣାର ତଦନ୍ତ ଜାରି ରହିଛି। ସେହିପରି ବୋରିଗୁମ୍ମା ବନାଞ୍ଚଳରେ ଅବୈଧ କାଠ ଚୋରାଚାଲାଣ ରୋକିବା ପାଇଁ ରାତ୍ରିକାଳୀନ ପାଟ୍ରୋଲିଂକୁ ଆହୁରି କଡ଼ାକଡ଼ି କରାଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

# ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ଶ୍ରୀମନ୍ଦିର ପରିସରରେ ସ୍ନାନଯାତ୍ରା



**କୋଟପାଡ଼, ୨୯।୬ :** ଆଜି ହେଉଛି ପବିତ୍ର ଦେବସ୍ନାନ ପୂର୍ଣ୍ଣିମା, ୧୦୮ କୋଳସ ସୁବାସିତ ଜଳରେ ସ୍ନାନ କରିବେ କୋଟି କୋଟି ଓଡ଼ିଆଙ୍କ ମଉଡ଼ମଣି ମହାପ୍ରଭୁ ଶ୍ରୀ ଚତୁର୍ଥାମୂର୍ତ୍ତି, ଆଜି ସକାଳ ସମସ୍ତ ପୂଜାବିଦ୍ଧି ପରେ ରତ୍ନ ସିଂହାସନ ଛାଡ଼ି ସ୍ନାନବେଦୀରେ ବିରାଜମାନ କରିଛନ୍ତି ଚତୁର୍ଦ୍ଧାମୂର୍ତ୍ତି, ନିର୍ଦ୍ଧାରିତ ସମୟରେ ହୋଇଥିଲା ସମସ୍ତ ନୀତିକାନ୍ତିରେ ପ୍ରଭୁଙ୍କର କାର୍ଯ୍ୟବିଧି, ଆଜି ସକାଳ ୫ ଟାରେ ମଙ୍ଗଳାର୍ପଣ ପରେ ୮ଟାରେ ଆରମ୍ଭ ହୋଇଥିଲା ପହଣ୍ଡି ବିଜେ, ସକାଳ ୧୦ଟା ରେ ଚତୁର୍ଦ୍ଧାମୂର୍ତ୍ତି ସ୍ନାନ ମଣ୍ଡପରେ ବିରାଜମାନ କରାଯାଇଥିଲା, ସକାଳ ୧୧.୩୦ଟା ସମୟ ମଧ୍ୟରେ ଜଳବିଜେ କରାଯାଇଥିଲା, ସମସ୍ତ ପୂଜାବିଦ୍ଧି ପରେ ୧୨ଘଣ୍ଟା ମଧ୍ୟରେ ଛେରାପହଁରା ସହିତ ୧୨.୩୦ ମଧ୍ୟରେ ଭଗବାନଙ୍କ ଗଜକ୍ଷନନ୍ନ ବେଶ ବା ହାତୀ ବେଶରେ ସୁସଜିତ ଅନୁଷ୍ଠିତ ହୋଇଥିଲା, ଆଜିର ସ୍ନାନଯାତ୍ରା ଦେଖିବାକୁ ହଜାର ହଜାର ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିବାର ଦେଖାଦେଇଥିଲା, ଭିଡ଼କୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପରିସରରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା, ଆଜିର ଏହି ସ୍ନାନ ଯାତ୍ରାରେ ଜଗନ୍ନାଥ ମନ୍ଦିର ଦେବଉର କମିଟି ସଭାପତି ମନୋହର ବିଶୋଇ, ଉପସଭାପତି ଜିତେନ୍ଦ୍ର ମହାପାତ୍ର, ସମ୍ପାଦକ ଚନ୍ଦ୍ରଶେଖର ଦାସ, ସଦସ୍ୟ ବିନୋଦ ସାସମଲଙ୍କ ସହିତ ସମସ୍ତ ସଦସ୍ୟବନ୍ଧୁ ମାନେ ଉପସ୍ଥିତ ଥିଲେ, ମୁଖ୍ୟ ପୂଜକ ରାଜେନ୍ଦ୍ର ଅଧିକାରୀ ଓ ଶିଶିର ଷଡ଼ଙ୍ଗୀଙ୍କ ସହିତ କୋଟପାଡ଼ ଅଞ୍ଚଳ ବ୍ରାହ୍ମଣ ପଣ୍ଡାଗଣ ମାନେ ଓ ବିଭିନ୍ନ ସଂକୀର୍ତନ ମଣ୍ଡଳୀ ମାନଙ୍କ ସହିତ ଭାରତ ମିଡ଼ିଆ ଆସସେସୟନର ସମସ୍ତ ସାମ୍ବାଦିକଙ୍କ ସହିତ ହଜାର ହଜାର ଭକ୍ତ ମାନଙ୍କ ସମାଗମରେ ଆନନ୍ଦ ଉଲ୍ଲାସ ଓ ଆଡମ୍ବରରେ ସମାପନ ହୋଇଥିଲା ଚତୁର୍ଥାମୂର୍ତ୍ତିଙ୍କ ସ୍ନାନଯାତ୍ରା।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି
## ୧୪୧ ଅଭିଯୋଗ, ୭ର ତତ୍କାଳ ସମାଧାନ



**ବାଲେଶ୍ୱର, ୨୯।୬ :** ସୋର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୋର ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରୁ ମୋଟ ୧୪୧ ଜଣ ଅଭିଯୋଗକାରୀ ନିଜ ଅଭିଯୋଗ ଉପସ୍ଥାପନ କରିଥିଲେ। ପ୍ରାପ୍ତ ଅଭିଯୋଗ ମଧ୍ୟରୁ ୧୩୭ଟି ବ୍ୟକ୍ତିଗତ, ୨ଟି ସାମୂହିକ ଓ ୨ଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ସମ୍ବନ୍ଧୀୟ ଆବେଦନ ଥିଲା। ସେଥିମଧ୍ୟରୁ ୭ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବାବେଳେ ଅନ୍ୟାନ୍ୟ ଅଭିଯୋଗର ଶୀଘ୍ର ନିଷ୍ପତ୍ତି ପାଇଁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବଜ୍ୟୋତୀ ଦାସ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ଉପଜିଲ୍ଲାପାଳ ଶିବ ମାଲବ୍ୟ, ବିଡିଓ ସୁବ୍ରତ କୁମାର ବେହେରା, ଭାରପ୍ରାପ୍ତ ତହସିଲଦାର କୃଷ୍ଣ ମୋହନ ସିଂହ, ସୋର ମ୍ୟୁନିସିପାଲଟିର ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଚିକିଟୀ ମହାବିଦ୍ୟାଳୟରେ ଅନିୟମିତତା ଅଭିଯୋଗ
# ତଦନ୍ତ ଦାବି କଲେ ଚିନ୍ମୟାନନ୍ଦ ଶ୍ରୀରୂପ ଦେଓ



**ଚିକିଟୀ, ୨୯।୬ :** ଚିକିଟୀ ମହାବିଦ୍ୟାଳୟରେ ହେଉଥିବା ବିଭିନ୍ନ ଅନିୟମିତତାକୁ ନେଇ ଚିକିଟୀ ବିଜେଡିର ବିଧାୟକ ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୂପ ଦେଓ ରବିବାର ଏକ ସାମ୍ବାଦିକ ସମ୍ମିଳନୀ କରି ଘଟଣାର ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ, ମହାବିଦ୍ୟାଳୟର ପ୍ରଶାସନିକ କାର୍ଯ୍ୟ, ଆର୍ଥିକ ପରିଚାଳନା ଓ ଅନ୍ୟାନ୍ୟ ବିଷୟରେ ବିଭିନ୍ନ ପ୍ରକାର ଅନିୟମିତତା ହେଉଥିବା ନେଇ ଅଭିଯୋଗ ଆସୁଛି। ଏହାର ସତ୍ୟାସତ୍ୟ ଜାଣିବା ପାଇଁ ସରକାର ଓ ସମ୍ପୃକ୍ତ ବିଭାଗ ତୁରନ୍ତ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେବା ଉଚିତ ବୋଲି ସେ ଦାବି କରିଛନ୍ତି। ଶିକ୍ଷାନୁଷ୍ଠାନରେ ସ୍ୱଚ୍ଛତା ଓ ସମୟାନୁବର୍ତିତା ବଜାୟ ରହିବା ଅତ୍ୟନ୍ତ ଜରୁରୀ। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଜଡ଼ିତ କୌଣସି ଅନିୟମିତତାକୁ ପ୍ରଶ୍ରୟ ଦିଆଯିବା ଉଚିତ ନୁହେଁ। ଚିକିଟୀ ମହା ବିଦ୍ୟାଳୟ ବହୁ କଷ୍ଟରେ ଆରମ୍ଭ ହୋଇଥିଲା। ପୂର୍ବ ସରକାର ଅମଳରେ ମହା ବିଦ୍ୟାଳୟରେ ପିଜି ଅପଗ୍ରେଡ ହୋଇଥିଲା। ମହା ବିଦ୍ୟାଳୟରେ ଥିବା ହଷ୍ଟେଲ କେବଳ ଯୁକ୍ତ ତିନି ଓ ପିଜି ଛାତ୍ରଛାତ୍ରୀ ମାନଙ୍କ ପାଇଁ ନିର୍ଦ୍ଦିଷ୍ଟ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ସେହି ହଷ୍ଟେଲରେ ଯୁକ୍ତ ଦୁଇ ଛାତ୍ରଛାତ୍ରୀ କିପରି ରହୁଛନ୍ତି। ଏଥି ସହିତ ଯୁକ୍ତ ଦୁଇ ଛାତ୍ରଛାତ୍ରୀ ମାନଙ୍କୁ ହଷ୍ଟେଲ ରହିବା ପାଇଁ ମହା ବିଦ୍ୟାଳୟ କର୍ତୃପକ୍ଷ କିପରି ଅନୁମତି ଦେଇଥିଲେ। ଏବଂ ଯୁକ୍ତ ଦୁଇ ଛାତ୍ରଛାତ୍ରୀ ହଷ୍ଟେଲରେ ରହିବା ପାଇଁ ସେମାନଙ୍କ ପାଖରେ ଆଦାୟ କରୁଥିବା ଅର୍ଥ କାହା ପକେଟକୁ ଯାଉଛି। ଏହି ମହା ବିଦ୍ୟାଳୟରେ ନୂତନ ଭାବେ ଯୋଗ ଦେଇଥିବା ଯୁକ୍ତ ଦୁଇ ଛାତ୍ରଛାତ୍ରୀ ମାନଙ୍କୁ ରାମ ଶଙ୍କର ପଟ୍ଟନାୟକ ନାମକ ଜଣେ ଜୁଲୋଜି ଶିକ୍ଷକ କହୁଛନ୍ତି ଯେ ଆମ ଟିଉସନରେ ଯୋଗ ଦେଲେ ଆପଣ ମାନଙ୍କୁ ହଷ୍ଟେଲ ସୁବିଧା ଯୋଗାଇ ଦିଆଯିବ । ଏଥି ସହିତ ଆମ ଟିଉସନରେ ଯୋଗ ଦେଲେ ଆପଣ ମାନଙ୍କ ମାର୍କ ମଧ୍ୟ ଭଲ ରଖାଯିବ ବୋଲି କହୁଛନ୍ତି। ଅନ୍ୟ ପକ୍ଷରେ ମହା ବିଦ୍ୟାଳୟ କାର୍ଯ୍ୟାଳୟର ସମୟ ଅତିବାହିତ ପରେ ସ୍ଥାନୀୟ ବିଧାୟକ ଶିକ୍ଷାନୁଷ୍ଠାନକୁ କେଉଁ ଉଦ୍ଦେଶ୍ୟରେ ଯାଉଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଏପରି ଅନେକ ପ୍ରଶ୍ନ କରିଛନ୍ତି ଚିକିଟୀ ବିଜେଡି ବିଧାୟକ ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୂପ ଦେଓ। ଏଭଳି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି ।

### ଅଠରବାଙ୍କି ପୋର୍ଟ କଲୋନୀରେ ଭୟାବହ ଅଗ୍ନିକାଣ୍ଡ
# ଜଳିଗଲା ୬ ବଖରା ଘର, ଲକ୍ଷାଧିକ ଟଙ୍କାର ସମ୍ପତ୍ତି





**ଜଗତସିଂହପୁର, ୨୯।୬ :** ପାରାଦ୍ୱୀପ ଅଠରବାଙ୍କି ପୋର୍ଟ କଲୋନୀ ନିକଟରେ ସୋମବାର ଅପରାହ୍ନରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟି ୬ ବଖରା ଘର ସମ୍ପୂର୍ଣ୍ଣ ଜଳିପୋଡ଼ି ଯାଇଛି। ଅଗ୍ନିକାଣ୍ଡରେ ଘରେ ଥିବା ଧାନ, ଚାଉଳ, ଆସବାବପତ୍ର, ପୋଷାକ, ବାସନକୁସନ, ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସମେତ ସମସ୍ତ ଘରୋଇ ସାମଗ୍ରୀ ପୋଡ଼ି ପାଉଁସ ହୋଇଯାଇଛି। ପ୍ରାଥମିକ ଆକଳନ ଅନୁଯାୟୀ, ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି କ୍ଷତି ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ହଠାତ୍ ଗୋଟିଏ ଘରୁ ନିଆଁ ବାହାରିଥିଲା। ଦେଖୁ ଦେଖୁ ନିଆଁ ପାଖରେ ଥିବା ଅନ୍ୟ ଘରକୁ ବ୍ୟାପି ଯାଇଥିଲା। ପବନର ବେଗ ଅଧିକ ଥିବାରୁ ଅଳ୍ପ ସମୟ ମଧ୍ୟରେ ନିଆଁ ଉଗ୍ରରୂପ ଧାରଣ କରିଥିଲା। ସ୍ଥାନୀୟ ଲୋକେ ପ୍ରଥମେ ନିଜ ଉଦ୍ୟମରେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇପାରି ନଥିଲେ। ଖବର ପାଇ ପାରାଦ୍ୱୀପ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଧରି ପାଣି ମାଡ଼ କରି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିଶମ ବାହିନୀର ତତ୍ପରତା ଯୋଗୁଁ ନିଆଁ ଆଖପାଖର ଅନ୍ୟ ଘରକୁ ବ୍ୟାପିବା ପୂର୍ବରୁ ନିୟନ୍ତ୍ରଣକୁ ଆସିଥିଲା। ତେବେ ସେତେବେଳକୁ ୬ ବଖରା ଘର ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଥିଲା। ଏହି ଅଗ୍ନିକାଣ୍ଡରେ କୌଣସି ଜନହାନି ଘଟିନଥିବା ବେଳେ କ୍ଷତିଗ୍ରସ୍ତ ପରିବାରଗୁଡ଼ିକ ସର୍ବସ୍ୱ ହରାଇ ଦୁର୍ଦ୍ଦଶାରେ ପଡ଼ିଛନ୍ତି। ନିଆଁ ଲାଗିବାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡ଼ି ନଥିବା ବେଳେ ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ପ୍ରଶାସନ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। କ୍ଷତିଗ୍ରସ୍ତ ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି।

### ବାରଙ୍ଗ ବ୍ଲକରେ ଦ୍ୱିତୀୟ ପର୍ଯ୍ୟାୟ ଜନ ଅଭିଯୋଗ ଶୁଣାଣି ଆରମ୍ଭ
# କୁହ୍ନେଇପଡ଼ାରେ ୧୩ ଅଭିଯୋଗରୁ ୧୦ଟିର ତୁରନ୍ତ ସମାଧାନ



**ଫୁଲନଖରା, ୨୯।୬ :** ବାରଙ୍ଗ ବ୍ଲକ ଅନ୍ତର୍ଗତ କୁହ୍ନେଇପଡ଼ା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ସମସ୍ତ ୧୬ଟି ଗ୍ରାମ ପଞ୍ଚାୟତରେ ପ୍ରଥମ ପର୍ଯ୍ୟାୟ ଜନଶୁଣାଣି ସମାପ୍ତ ହେବା ପରେ ବର୍ତ୍ତମାନ ଦ୍ୱିତୀୟ ପର୍ଯ୍ୟାୟ ଶୁଣାଣି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଶିବିରରେ ସର୍ବମୋଟ ୧୩ଟି ବ୍ୟକ୍ତିଗତ ଓ ସାମୂହିକ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୦ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବାବେଳେ ଅବଶିଷ୍ଟ ୩ଟି ଅଭିଯୋଗକୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଓ ସମାଧାନ ପାଇଁ ସମ୍ପୃକ୍ତ ବିଭାଗକୁ ପ୍ରେରଣ କରାଯାଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱାଗତ ଦାସ ଶିବିରରେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଧୈର୍ଯ୍ୟର ସହ ଶୁଣିବା ସହ ସମ୍ପୃକ୍ତ ବିଭାଗକୁ ଶୀଘ୍ର ସମାଧାନ ପାଇଁ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ। ସରକାରୀ ସେବାକୁ ଅଧିକ ଜନମୁଖୀ ଓ ସ୍ୱଚ୍ଛ କରିବା ସହ ଲୋକଙ୍କ ସମସ୍ୟାର ତ୍ୱରିତ ସମାଧାନ ହିଁ ଏହି ଜନଶୁଣାଣିର ମୂଳ ଉଦ୍ଦେଶ୍ୟ ବୋଲି ସେ ପ୍ରକାଶ କରିଥିଲେ। ଏହି ଅବସରରେ ଅତିରିକ୍ତ ବିଡିଓ ଦୀପାବଳୀ ଜେନା, ଯୋଗାଣ ଅଧିକାରୀ ଜୟଶ୍ରୀ ହରିଚନ୍ଦନ, ଆଇସିଡିଏସ୍ ସୁପରଭାଇଜର ଆରତି ସାମଲ, ସାମାଜିକ ସମ୍ପ୍ରସାରଣ ଅଧିକାରୀ ହରପ୍ରିୟା ସାମଲ, କନିଷ୍ଠ ଯନ୍ତ୍ରୀ ବୁଦ୍ଧଦେବ ଜେନା, ସ୍ୱଚ୍ଛ ଭାରତ ମିଶନ ସଂଯୋଜକ ମହେନ୍ଦ୍ର ବେହେରା, ବିପିସି ମମତା ନାୟକ, ବିଏଲସି ଗଙ୍ଗୋତ୍ରୀ ପ୍ରିୟଦର୍ଶିନୀ, ପିଇଓ ସୁଜ୍ଞାନୀ ପତି, ରାଜଲକ୍ଷ୍ମୀ ଭୂୟାଁ, ବିଶ୍ୱକେତନ ସାମଲ, ଏଡିଇ ଅନୁରାଧା ମହାରଣା, ମିତୁ ସ୍ମିତା ବେଉରା, ସୁଭଦ୍ରା ସଂଯୋଜିକା ମାମା ଭୂୟାଁ, ନରେଗା ଏସିପି ପବିତ୍ର ମୂଳିଆ, କୁହ୍ନେଇପଡ଼ା ସରପଞ୍ଚ ରୀତାଞ୍ଜଳୀ ସାମଲଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଜନସାଧାରଣ ଏହି ଜନଶୁଣାଣି ଶିବିରରେ ଉତ୍ସାହର ସହ ଯୋଗଦେଇ ନିଜ ନିଜ ସମସ୍ୟା ଉପସ୍ଥାପନ କରିଥିବାବେଳେ ପ୍ରଶାସନ ପକ୍ଷରୁ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ପାଇଁ ଗ୍ରହଣ କରାଯାଉଥିବା ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati    Executive Editor : Satyajit Mohapatra    Managing Editor : Jitendra Ku. Pati